






# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ’ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ’ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ’ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## ‘କଫି’ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା’ ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା’। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା’ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା’। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା’ ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା’ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହାଯାଇଛି ଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ତାରିଖ ଠାରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ



ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱ୍ୟାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଇଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ଅଳିଆଗଦାରେ ତରକାରୀ ଆଇନ

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶୀକୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍‌ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଘଂନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାଫକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'



ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱାସ ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

**ପୁଷ୍ପଲତା ଦାସ**, କାଠଯୋଡ଼ି ଇନ୍‌କ୍ଲେଭ, ପ୍ଲଟ ନଂ-ବି୧/୨, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୮୬୨୦୦୮୩

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୁରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଫେବୃଆରୀ ୪**

# ବିଶ୍ୱ କର୍କଟ ସଚେତନତା ଦିବସ ଫେବୃୟାରୀ ୪ ଅବସରରେ କର୍କଟ ବ୍ୟାଧିର ନିଆଁ ଓ ଧୂଆଁ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚଳିତ ବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ଉଇଲ୍'। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ। ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୦ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସମଗ୍ର ବିଶ୍ୱରେ ପ୍ରତିବର୍ଷ ବୟାଅଶୀ ଲକ୍ଷ ଲୋକ କର୍କଟ ରୋଗରେ ମୃତ୍ୟୁ ବରଣ କରିଥାନ୍ତି ଓ ଏଥି ମଧ୍ୟରୁ ଚାଳିଶ ଲକ୍ଷ ଲୋକ ଅଳ୍ପ ବୟସରେ (୩୦ରୁ ୪୦ବର୍ଷ) ପ୍ରାଣ ହରାଇଥାନ୍ତି। କର୍କଟ ରୋଗର ନିର୍ଣ୍ଣୟ, ଚିକିତ୍ସା, ନିରାକରଣ, ସଚେତନତା ଓ ଗବେଷଣା ନିମିତ୍ତ ୪ ଫେବୃଆରୀକୁ ବିଶ୍ୱର ସର୍ବତ୍ର କର୍କଟ ଦିବସ ରୂପେ ପାଳନ କରିବା ପାଇଁ ୨୦୦୦ ମସିହା ପ୍ୟାରିସ୍ ସମ୍ମିଳନୀରେ ବିଶ୍ୱ କର୍କଟ ସଙ୍ଗଠନ ସିଦ୍ଧାନ୍ତ ନେଇଥିଲା ଓ ୨୦୨୦ ମସିହା ସୁଦ୍ଧା ସମଗ୍ର ବିଶ୍ୱରେ କ୍ୟାନସର ରୋଗକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ରୂପେ ଧାର୍ଯ୍ୟ କରାଯାଇଅଛି। ବିଭିନ୍ନ ପ୍ରକାର (ଏକଶତ) କର୍କଟ ବ୍ୟାଧି ମନୁଷ୍ୟଙ୍କୁ ଆକ୍ରାନ୍ତ କରେ। ଦେଶ, ଜାତି, ବର୍ଣ୍ଣ ଓ ବୟସର ସମସ୍ତ ସୀମାକୁ ଅତିକ୍ରମ କରି ଏହି ବ୍ୟାଧି ସମଗ୍ର ମନୁଷ୍ୟ ସମାଜ ପାଇଁ ମୃତ୍ୟୁର ଏକ ଭୟାବହ ବିଭୀଷିକା ରଚନା କରିଅଛି। ପୁରୁଷମାନେ ସାଧାରଣତଃ ଫୁସ୍‌ଫୁସ୍ କ୍ୟାନସର, ପ୍ରୋଷ୍ଟେଟ୍ କ୍ୟାନସର, ବୃହଦାନ୍ତ୍ର କ୍ୟାନସର ଓ ପାକସ୍ଥଳୀ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ମହିଳାମାନେ ସ୍ତନ କ୍ୟାନସର, ବୃହଦାନ୍ତ୍ର କ୍ୟାନସର, ପିତ୍ତକୋଷ କ୍ୟାନସର, ଜନନେନ୍ଦ୍ରିୟ କ୍ୟାନସର ଓ ଫୁସ୍‌ଫୁସ୍ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ପିଲାମାନେ ସାଧାରଣତଃ ରକ୍ତ କ୍ୟାନସର, ମସ୍ତିଷ୍କ ଟ୍ୟୁମର ଓ ଲିମ୍ଫୋମାରେ ଆକ୍ରାନ୍ତ ହୁଅନ୍ତି। ଚର୍ମ କ୍ୟାନସର ସଂଖ୍ୟା ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି। ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କ୍ୟାନସର ରୋଗୀଙ୍କର ସଂଖ୍ୟା ମଧ୍ୟ ବଢ଼ିଥାଏ।

ପରିବେଶ ପ୍ରଦୂଷଣ ହିଁ କ୍ୟାନସର ରୋଗର ମୁଖ୍ୟ କାରଣ (୯୦ରୁ ୯୫%)। ୫ରୁ ୧୦% କର୍କଟ ରୋଗ ବାପା ମାଆଙ୍କ ପାଖରୁ ପିଲାମାନଙ୍କୁ ଆସିଥାଏ। ଧୂମପାନ (୨୫-୩୦%), ଅତ୍ୟଧିକ ଖାଦ୍ୟ ଖାଇବା ଓ ମୋଟା ହେବା (୩୦-୩୫%), ସଂକ୍ରମଣ (୧୫-୨୦%), ଆଣବିକ ବିକୀରଣ (୧୦%), ମଦ୍ୟପାନ (୧୦%), ଶାରୀରିକ ପରିଶ୍ରମ ନକରିବା, ଇତ୍ୟାଦି କ୍ୟାନସର ରୋଗର ମୁଖ୍ୟ କାରଣ। ଧୂମପାନ ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ (୯୦%)। ଏହାବାଦ୍ ସ୍ୱରଯନ୍ତ୍ର କ୍ୟାନସର, ପାକସ୍ଥଳୀ କ୍ୟାନସର, ପରିସ୍ରାଥଳି କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର ଓ ଅଗ୍ନ୍ୟାଶୟ କ୍ୟାନସର ମଧ୍ୟ ଧୂମପାନ ଯୋଗୁଁ ହୋଇଥାଏ। ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହା ଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। ମଦ୍ୟପାନ କ୍ୟାନସର ରୋଗର ଅନ୍ୟ ଏକ କାରଣ। ମୁଖ୍ୟତଃ ଏହା ଯକୃତ କ୍ୟାନସର ଓ ଖାଦ୍ୟନଳୀ କ୍ୟାନସର କରିଥାଏ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%)। ପ୍ରତିବର୍ଷ ଦୁଇ ଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ ଓ ଟୋବେନ୍‌ଜିନ୍ ଦ୍ୱାରା ରକ୍ତ କ୍ୟାନସର ହୁଏ। ଅତ୍ୟଧିକ ଆମିଷ ଖାଦ୍ୟ, ଶାରୀରିକ ଶ୍ରମ ବିମୁଖତା ଓ ମୋଟାପଣ ଯୋଗୁଁ (୩୦-୩୫%) ମଧ୍ୟ କ୍ୟାନସର ହୋଇଥାଏ। ଶାରୀରିକ ପରିଶ୍ରମ ନକଲେ ଲୋକମାନେ ମୋଟା ହୋଇଯାନ୍ତି ଓ ସେମାନଙ୍କର ରୋଗ ପ୍ରତିରୋଧକଶକ୍ତି ଓ ଅନ୍ତଃସ୍ରାବୀ ସମନ୍ୱୟତା କମିଯାଏ। ଅତ୍ୟଧିକ ଲୁଣ ସେବନ କଲେ ପାକସ୍ଥଳୀ କ୍ୟାନସର ହୁଏ। ଜାପାନରେ ପାକସ୍ଥଳୀ କ୍ୟାନସର ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟନଳୀ (ବୃହଦାନ୍ତ୍ର) କ୍ୟାନସର ଅତ୍ୟଧିକ ଅଧିକ ଲୁଣ ସେବନ ଯୋଗୁଁ ହୋଇଥାଏ। ଖାଦ୍ୟ ପଦାର୍ଥ ଆଫ୍‌ଲାଟକ୍ସିନ୍ ଦ୍ୱାରା ଆକ୍ରାନ୍ତ ହେଲେ ଲିଭର କ୍ୟାନସର ହୁଏ ଓ ପାନ ଖାଇଲେ ମୁଖଗହ୍ୱର କ୍ୟାନସର ହୁଏ। ବିଭିନ୍ନ ଭୂତାଣୁ ଦ୍ୱାରା ମଧ୍ୟ କ୍ୟାନସର ହୋଇଥାଏ। ମହିଳା ମାନଙ୍କର ହ୍ୟୁମାନ୍ ପେପିଲୋମା ଭୂତାଣୁ ଜନନେନ୍ଦ୍ରିୟ କ୍ୟାନସରର କାରଣ। ଏବଷ୍ଟିନ୍ ବାର ଭୂତାଣୁ ଲିମ୍ଫୋମା ଓ ନାକ ଓ ଖାଦ୍ୟନଳୀ କ୍ୟାନସର କରେ। ହେପାଟାଇଟସ୍ ବି ଭୂତାଣୁ ଲିଭର କ୍ୟାନସରର ମୁଖ୍ୟ କାରଣ। ହେପାଟାଇଟିସ୍ ସି ମଧ୍ୟ ଯକୃତ କ୍ୟାନସର କରେ। ହର୍ପିସ୍ ଭୂତାଣୁ - କାପୋସି ସାର୍କୋମାର କାରଣ। ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁ ପାକସ୍ଥଳୀ କ୍ୟାନସର କରେ। ସିଷ୍ଟୋସୋମା ଓ ଯକୃତ ଫ୍ଲୁକ୍ ଯଥାକ୍ରମେ ପରିସ୍ରା ଥଳି କ୍ୟାନସର ଓ କୋଲାଞ୍ଜିଓକାର୍ସିନୋମା କରନ୍ତି। ଆଣବିକ ବିକୀରଣ (୧୦%) ମଧ୍ୟ କ୍ୟାନସର ରୋଗର ଅନ୍ୟ ଏକ କାରଣ। କର୍କଟ ରୋଗର ପ୍ରାଥମିକ ଲକ୍ଷଣ କ'ଣ? ବହୁଦିନ ଧରି ଶରୀରର ଯେ କୌଣସି ସ୍ଥାନରେ କିମ୍ବା ପାଟିରେ ଘା' ନ ଶୁଖିବା, ଖାଦ୍ୟ ଖାଇବାରେ କ୍ରମାଗତ ଯନ୍ତ୍ରଣା ଅନୁଭବ କରିବା, ସ୍ୱର ବସିଯିବା, କ୍ଷୁଧା ନହେବା, ବଦହଜମ ଓ ତରଳ ଲାଳରକ୍ତ ଝାଡ଼ା ଲାଗି ରହିବା, ସ୍ତନରେ ମାଂସପିଣ୍ଡୁଳା ବା ଘା ହେବା, ଅନିୟମିତ ଭାବେ ଜରାୟୁରୁ ରକ୍ତସ୍ରାବ ହେବା, ଦେହରେ ଯେ କୌଣସି ସ୍ଥାନରେ ମାଂସପିଣ୍ଡୁଳା ବା କଳାଜାଇ ବୃଦ୍ଧି ପାଇବା ଇତ୍ୟାଦି କର୍କଟ ରୋଗର ପ୍ରାଥମିକ ଲକ୍ଷଣ। ଏ କ୍ଷେତ୍ରରେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ। କର୍କଟ ରୋଗର ନିରାକରଣ ଏକ ମୁଖ୍ୟ ବିଷୟ। ପରିବେଶ ପ୍ରଦୂଷଣ ଓ ଜୀବନ ଶୈଳୀ ଓ ଖାଦ୍ୟପେୟ ପରିବର୍ତ୍ତନ ମାଧ୍ୟମରେ ୭୦-୯୦% କର୍କଟ ରୋଗ ନିରାକରଣ ସାପେକ୍ଷ। ଧୂମପାନ, ମଦ୍ୟପାନ, ଅତ୍ୟଧିକ ମୋଟାପଣ, ଶାରୀରିକ ଶ୍ରମ ବିମୁଖତା ଓ ବାୟୁ ପ୍ରଦୂଷଣ ଇତ୍ୟାଦିର ନିରାକରଣରେ କ୍ୟାନସର ବ୍ୟାଧିକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ। ଆମିଷ ଖାଦ୍ୟରେ ଶରୀର ବିଧାନ ଅତ୍ୟଧିକ ଉତ୍ତେଜିତ ଓ ଜର୍ଜରିତ ହୁଏ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ନିରାମିଷ ଖାଦ୍ୟ, ଯଥେଷ୍ଟ ପରିମାଣରେ ପନିପରିବା ଓ ଫଳ ସେବନ କର୍କଟ ବ୍ୟାଧିର ନିରାକରଣରେ ସାହାଯ୍ୟ କରେ। ଟୀକା ନେବା (ହେପାଟାଇଟିସ୍ ବି ଓ ପେପିଲୋମା ଭାଇରସ୍) ମାଧ୍ୟମରେ ଲିଭର କ୍ୟାନସର ଓ ଜନନେନ୍ଦ୍ରିୟ କ୍ୟାନସର ନିରାକରଣ ହୋଇପାରିବ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ମହିଳା ସଶକ୍ତିକରଣରେ ସ୍ୱାବଲମ୍ବୀ ମହିଳା


ବିପିନ ବିହାରୀ ରାଉତ

ଓଡ଼ିଶାର ଲୋକପ୍ରିୟ ବିଜେଡ଼ି ସରକାରଙ୍କ ସମାଜର ମଙ୍ଗଳ ଓ ବିକାଶକାରୀ ପାଇଁ ବାର୍ତ୍ତା ହେଉଛି 'ଗାଁକୁ କାମ, ମାଆକୁ ସମ୍ମାନ'। ଆଜିର ଓଡ଼ିଶାକୁ ଦେଖିଲେ ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ, ଆଦିବାସୀ ବହୁଳ ଅଞ୍ଚଳ ଠାରୁ ଉପାନ୍ତ ଅଞ୍ଚଳ ସବୁଠାରେ ମହିଳାମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇ ସ୍ୱାବଲମ୍ବୀ ହେବାରେ ସକ୍ଷମ ହୋଇଛନ୍ତି। ସେମାନେ ନିଜ ପରିବାରର ଆର୍ଥିକ ମଜଭୁତ ସ୍ତମ୍ଭ ପାଲଟିବା ସହ ଘରର ବୋହୂଟି ଆଜି କହିବାକୁଗଲେ ଘର ଚଳେଇବାରେ ସକ୍ଷମ ହୋଇପାରିଛି ବିଶେଷକରି ଆର୍ଥିକ କ୍ଷେତ୍ରରେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରାଜ୍ୟରେ ସୃଷ୍ଟି କରିଛି ନୂଆ ବିପ୍ଲବ। ମହିଳା ମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ରାଜ୍ୟର ବିକାଶରେ ସେମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ସଶକ୍ତ ଓ ସମୃଦ୍ଧ ହେବାରେ ଲାଗିଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ମାର୍ଗଦର୍ଶନରେ ଆଜି ମହିଳା ସଶକ୍ତିକରଣ ସମ୍ଭବ ହୋଇପାରିଛି। ଏ କ୍ଷେତ୍ରରେ ନବୀନ ଓଡ଼ିଶା ଓ ୫ଟିର ଅଧକ୍ଷ ଭି.କାର୍ତ୍ତିକ ପାଣ୍ଡିଆନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠା ମଧ୍ୟ ଅବିସ୍ମରଣୀୟ। ସେହିପରି ଏହି ବିଭାଗର ବିଭାଗୀୟ ସଚିବ ସୁଜାତା ରାଉତ ପାଣ୍ଡିଆନଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଯୋଗୁଁ ବିଭାଗ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯାଉଛି। ବିଗତ ଆଠ ବର୍ଷ ମଧ୍ୟରେ ମିଶନ ଶକ୍ତିକୁ ଆର୍ଥିକ ସହାୟତା ପ୍ରଦାନ ୧୯ଗୁଣ ବୃଦ୍ଧି ପାଇଛି। କେବଳ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରବାହ ୧୫ ହଜାର କୋଟି ଅତିକ୍ରମ କରିବ ବୋଲି ସୂଚନା ମିଳିଛି। ଗତ ଆର୍ଥିକ ବର୍ଷରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୧୦୦୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ମାତ୍ର ଚଳିତ ବର୍ଷ ଅଧିକ ୪୦୦୦ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବା ସହ ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ମହିଳା ମାନଙ୍କୁ ଆତ୍ମନିର୍ଭର ସହ ସ୍ୱାବଲମ୍ବୀ କରିବାରେ ଏହି ଋଣ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଏସଏଚଜିରୁ ଏସଏମଇ ଯାତ୍ରାପଥ ସୁଗମ ହୋଇଛି।ଗତ ୨୦୧୬-୧୭ରେ ମହିଳା ଗୋଷ୍ଠୀ ପିଛା ହାରାହାରି ୧୦୬ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସମ୍ପ୍ରତି ଏହା ପ୍ରାୟ ୩ଗୁଣ ଅଧିକ ହୋଇଛି। ବର୍ତ୍ତମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହାରାହାରି ଋଣ ସହାୟତା ୩.୦୧ ଲକ୍ଷରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ବିନା ସୁଧାରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଗତ ଚାରି ବର୍ଷ ମଧ୍ୟରେ ୪ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଧଛାଡ଼ ବାବଦରେ ସିଧାସଳଖ ୫୮୭ କୋଟି ଟଙ୍କା ଫେରସ୍ତ କରାଯାଇଛି ଏବଂ କେବଳ ଗତ ବର୍ଷ ଏ ବାବଦରେ ୨୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୬ ବର୍ଷ ମଧ୍ୟରେ ଏସଏଚଜି ଋଣର ଏନପିଏ ୧୪.୨ ପ୍ରତିଶତରୁ ୧.୯୯ ପ୍ରତିଶତକୁ ବଡ଼ ହ୍ରାସ ରେକର୍ଡ଼ କରାଯାଇଛି। ସାରା ଦେଶରେ ଏହା ସବୁଠାରୁ ଶ୍ରେଷ୍ଠ ପରିଣାମ ବୋଲି ମଧ୍ୟ କୁହାଯାଉଛି। ପୁନଶ୍ଚ ପ୍ରଥମ ଥର ପାଇଁ ଓଡ଼ିଶାରେ ୧୧୦୩ଟି ପଞ୍ଚାୟତ ଏନପିଏ ମୁକ୍ତ ଥିବାବେଳେ ଏହାକୁ ଭାରତ ସରକାର ମଧ୍ୟ ପ୍ରଶଂସା କରିଛନ୍ତି।ରାଜ୍ୟରେ ୬ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ପ୍ରାୟ ୭୦ ଲକ୍ଷ ମହିଳା ସଦସ୍ୟ ରହିଛନ୍ତି। ଏମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥି ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକର ଉତ୍ପାଦିତ ସାମଗ୍ରୀ ପାଇଁ କିଭଳି ବଜାର ସୃଷ୍ଟି କରାଯାଇ ପାରିବ ସେ ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ୬୧୭୮ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ପାଇଁ କମ୍ୟୁନିଟି ପାଣ୍ଠିର ବ୍ୟବସ୍ଥା, ମହାସଂଘ କର୍ମକର୍ତ୍ତା ମାନଙ୍କର ମିଟିଂ ଓ ଗସ୍ତ ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା, ୭୦ ହଜାର କମ୍ୟୁନିଟି ସହାୟତା ପାଇଁ କର୍ମଚାରୀ ମାନଙ୍କ ପାଇଁ ୟୁନିଫର୍ମ ଓ ସ୍ମାର୍ଟଫୋନ ଭତ୍ତା ସମେତ ୨ ହଜାର ବ୍ୟାଙ୍କ ମିତ୍ରଙ୍କ ପାଇଁ ଲ୍ୟାପଟପର ବ୍ୟବସ୍ଥା କରାଯାଇଛି। ଏହାସହ କର୍ମଚାରୀଙ୍କ ପାଇଁ ମିଶନ ସ୍କୁଟରର ମଧ୍ୟ ବ୍ୟବସ୍ଥା କରାଯାଇଛି। ନାରୀ ସଶକ୍ତିକରଣରେ ଓଡ଼ିଶା ଆଜି ଯେଉଁ ସୋପାନରେ ପହଞ୍ଚିଛି ତାହା ଭାରତ ବର୍ଷର ଅନ୍ୟ ରାଜ୍ୟ ପାଇଁ କେବଳ ଗୌରବର ପ୍ରସଙ୍ଗ ହୋଇନାହିଁ ବରଂ ଏ ନେଇ ଏକ ଆଦର୍ଶ ଓ ଶିକ୍ଷଣୀୟ କ୍ରାନ୍ତି ସୃଷ୍ଟି କରିଛି। ଓଡ଼ିଶାରେ ମହିଳାମାନେ ସାମଗ୍ରିକ ଭାବେ ନିଜର ଉନ୍ନତି କରିଛନ୍ତି। ପୂର୍ବପରି ଆଉ ମହିଳାମାନେ ଘରର ବୋଝ ହୋଇନାହାନ୍ତି କିମ୍ବା ସେମାନେ ଅବଳା ଦୁର୍ବଳା ନୁହଁନ୍ତି ସରକାରଙ୍କ ମିଶନ ଶକ୍ତି ଓ ମହିଳା ସଶକ୍ତିକରଣ ଯୋଜନା ସେମାନଙ୍କୁ ନୂଆ ଜୀବନ ଦେଇଛି ଏସବୁର ଶ୍ରେୟ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର।

*ଶ୍ରୀବିହାର କଲୋନୀ, କଟକ,*

# ବିଶାଳ ଭାଷା ମହାକୁମ୍ଭ : ନୂଆ ଇତିହାସରେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ


ଯଶସ୍ୱିନୀ ପଟ୍ଟନାୟକ

ପିଲାମାନେ ତୁମେ ଭଲ ଭାବେ ଜାଣିଛ ଆମ ଓଡ଼ିଶା ହେଉଛି ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷାର ପ୍ରଚାର, ସଂରକ୍ଷଣ ଓ ପ୍ରସାର ପାଇଁ ପ୍ରଥମଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହେଉଛି ଯେଉଁଥିରେ ଓଡ଼ିଶା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିବ। ଭାଷାକୁ ନେଇ ସବୁଠି ପାଳନ ହେଉଛି ଉତ୍ସବ। ଆଉ ଏହାକୁ ନେଇ ମାଟିରୁ ଆକାଶ ସାଜସଜ୍ଜାରେ ଭରି ଯାଇଛି ଓଡ଼ିଆପଣ। ସର୍ବୋପରି ଓଡ଼ିଆ ଭାବାବେଗକୁ ଛୁଇଁଲା ଭଳି ହୋଇଛି ପ୍ରତିଟି କାର୍ଯ୍ୟକ୍ରମର ପରିକଳ୍ପନା ଓ ଆୟୋଜନ। ଏହି ସମୟରେ ମନେପଡ଼ି ଯାଉଛି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କାଳଜୟୀ ଧାଡ଼ିଟି - 'ମାତୃଭୂମି, ମାତୃଭାଷାର ମମତା ଯାହା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନେ ରହିବ କାହିଁ।' ଏହି ଧାଡ଼ିଟି ଆମ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଭରି ଦେଇଥାଏ ମାତୃଭୂମି ଓ ମାତୃଭାଷା ପ୍ରତି ଭଲପାଇବା। ସ୍ୱତନ୍ତ୍ର ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ଏହି ଆବେଗ ସୃଷ୍ଟି କରିଥିଲା ଭାଷା ହୃଦୟର ସ୍ପନ୍ଦନ ଯାହାର ଫଳସ୍ୱରୂପ ୧୯୩୬ ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। ପିଲାମାନେ ତମେ ଭଲ ଭାବେ ଜାଣିଛ ଆଧୁନିକତାର ସ୍ପର୍ଶର ମାତୃଭାଷା ପ୍ରତି ଅନେକଙ୍କ ଭିତରେ ଯେଉଁ ଅନାଦାର ତାହା ଓଡ଼ିଆ ଭାଷା ପ୍ରେମୀଙ୍କୁ ଦୁଃଖିତ ଓ ମର୍ମାହତ କରିଥିଲା। ତେଣୁ ଓଡ଼ିଆ ଭାଷାର ପ୍ରସାର ଦିଗରେ ରାଜ୍ୟ ସରକାର ହିଁ ପଦକ୍ଷେପର ମୂଳ କର୍ତ୍ତା ପାଲଟନ୍ତୁ ବୋଲି ଯେଉଁ ଆବେଗ ଉଠୁଥିଲା ଏହାର ଫଳସ୍ୱରୂପ ସରକାର ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରି ଓଡ଼ିଶା ସରକାରଙ୍କ ମାତୃଭାଷାର ପ୍ରଚାର ଓ ପ୍ରସାର ପାଇଁ ନିଜ ପ୍ରତିବଦ୍ଧତା ଓ ଭଲ ପାଇବାକୁ ପ୍ରମାଣ କରିବାରେ ସାର୍ଥକ ହୋଇଛନ୍ତି। ଓଡ଼ିଆ ଭାଷାକୁ ଶିକ୍ଷାନୁଷ୍ଠାନ ଠାରୁ, କର୍ମସଂସ୍ଥାନ ଅନୁଷ୍ଠାନ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବାଧ୍ୟତାମୂଳକ କରିବା ଦିଗରେ ସରକାର ପଦକ୍ଷେପ ନେବା ସହ ଆଉ ପାଦେ ଆଗକୁ ଯାଇ ଓଡ଼ିଆ ବିଶ୍ୱ ବିଦ୍ୟାଳୟ ଗଢ଼ିବା ସାଙ୍ଗକୁ ତୁମପରି କୁନାକୁନି ଓ ବିଦ୍ୟାର୍ଥୀ ମାନଙ୍କୁ ନିଜ ମାତୃଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ପ୍ରୋତ୍ସାହନ ସହାୟତାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ସରକାର ଏହି ଭବ୍ୟ ଓ ଆକର୍ଷଣୀୟ ସମ୍ମିଳନୀ ଆୟୋଜନ କରି କେବଳ ରାଜ୍ୟ ନୁହଁ ସମଗ୍ର ବିଶ୍ୱ ଦରବାରରେ ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେବାକୁ ଚେଷ୍ଟା କରିଛନ୍ତି।

ଭାଷା ଅତୀତର ଅସ୍ତିତ୍ୱ ଭାଷା ହିଁ ଭବିଷ୍ୟତ। ଏହି ପ୍ରସଙ୍ଗ ଆଧାରରେ ରାଜ୍ୟ ସରକାର ସମ୍ମିଳନୀର କାର୍ଯ୍ୟକ୍ରମର ରୂପରେଖ ତିଆରି କରିଛନ୍ତି। ଓଡ଼ିଆ ଭାଷାର ପ୍ରତିଟି ବିଭାଗ ଏଥିରେ ସ୍ଥାନିତ ହେବା ସହ ଭାଷାବିତ୍ ଖ୍ୟାତିସମ୍ପନ୍ନ ବୁଦ୍ଧିଜୀବି ଓ ବିଦ୍ୱାନ ଏଥିରେ ସାମିଲ ହେବେ। ପ୍ରାଚୀନ, ମଧ୍ୟ ଓ ଆଧୁନିକ କାଳଖଣ୍ଡ ଉପରେ ଓଡ଼ିଶାର ଗୌରବମୟ ଅତୀତ ଓ ପରିବର୍ତ୍ତନଶୀଳ ବର୍ତ୍ତମାନ ଏବଂ ପ୍ରେରଣାଦାୟୀ ଭବିଷ୍ୟତରେ ଏକ ସୁସଜ୍ଜିତ ଆକର୍ଷଣୀୟ ପ୍ରଦର୍ଶନୀର ଆୟୋଜନ ହୋଇଛି। ତୁମ ମାନଙ୍କ ପାଇଁ ଆଉ ଯୁବ ବର୍ଗଙ୍କ ଭିତରେ ପଢ଼ିବାର ଆଗ୍ରହକୁ ଆହୁରି ଉତ୍ସାହ ଓ ଯୋଶରେ ଭରି ଦେବା ପାଇଁ ଏକ ସୁନ୍ଦର କାର୍ଯ୍ୟକ୍ରମ ରହିଛି ଯାହାର ନାମ ହେଉଛି 'ଆସ ପଢ଼ିବା' ଏହାସହ ଏକ ଭ୍ରାମ୍ୟମାଣ ଲାଇବ୍ରେରୀ, ବସ ଓ ମୋବାଇଲ ବୁକଆର୍ଟ ମଧ୍ୟ ତିଆରି ହେଉଛି। ଭାଷା ହେଉଛି ପରମ୍ପରା ଓ ପ୍ରଗତିର ଏକ ସଂଯୋଜକ ସେତୁ। ଏହା ବିକାଶକୁ ଯୋଡ଼ିବାର ମୁଖ୍ୟମାର୍ଗ। ଓଡ଼ିଶାର ଗୌରବମୟ ଇତିହାସର ପ୍ରଥମ ଓ ମୂଳ ପରିଚୟ ହେଉଛି ଏହି ଜାତିର ଭାଷା ଓଡ଼ିଆ। ଏକ ଶାସ୍ତ୍ରୀୟ ଭାଷା ଭାବେ ଲବ୍ଧ ପ୍ରତିଷ୍ଠ ଓଡ଼ିଆ ଭାଷା ହେଉଛି ପ୍ରତିଟି ଓଡ଼ିଆଙ୍କ ଗର୍ବ। ଏହି ଓଡ଼ିଆ ଭାଷା ହିଁ ଆମର ଐତିହ୍ୟପୂର୍ଣ୍ଣ ଅତୀତର ଅସ୍ତିତ୍ୱ ଓ ସ୍ୱର୍ଣ୍ଣିମ ଭବିଷ୍ୟତ। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେଉଛି ପ୍ରତିଟି ଓଡ଼ିଆଙ୍କ ପାଇଁ ସେମାନଙ୍କ ଜୀବନର ଏକ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଆମ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଇଚ୍ଛାଶକ୍ତି, କ୍ରାନ୍ତିକାରୀ ଯୋଜନା ଓ ସଂକଳ୍ପରେ ହିଁ ଏହି ଓଡ଼ିଆ ଭାଷା ସମଗ୍ର ବିଶ୍ୱରେ ମୁଖରିତ ହେବାକୁ ଯାଉଛି। ଐତିହାସିକ ଭାବରେ ଓଡ଼ିଶାରେ ଆୟୋଜିତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏହି ଭାଷାର ଜୟଯାତ୍ରାକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପିତ କରିପାରିବ। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାର କ୍ରମବିକାଶ, ସାହିତ୍ୟର ଉତ୍ପତ୍ତି ଓ ଏକ ରାଜ୍ୟ ଭାବରେ ଓଡ଼ିଶାର ବିକାଶରେ ଏହାର ଉଲ୍ଲେଖନୀୟ ଯୋଗଦାନକୁ ସମସ୍ତଙ୍କ ସମ୍ମୁଖରେ ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କ ଏହି ଅଭୂତପୂର୍ବ ଆୟୋଜନ ଏକ ମାଇଲଖୁଣ୍ଟ। ନବୀନ ଓଡ଼ିଶାରେ ନୂଆ ଇତିହାସର ସଂରଚନା କରିବ ଓଡ଼ିଶା ଯାହାର ମଙ୍ଗ ଧରିବେ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିରେ ୧୩ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଯୋଡ଼ି ହେବେ। ବିଶ୍ୱବ୍ୟାପୀ ଓଡ଼ିଆଙ୍କୁ ଯୋଡ଼ିବାକୁ ସିଧା ପ୍ରସାରଣ କରାଯିବ। ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି ଭାଷାକୁ ନେଇ ନାନାଦି ଚର୍ଚ୍ଚା ଓ ଆଲୋଚନା ତ ହେବ ଏବଂ ସମ୍ମିଳନୀର ଉଦଘାଟନ ସମୟରେ ଏକ ମନ, ଏକ ସ୍ୱର, ଏକ ପ୍ରାଣ ହୋଇ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବ। ଏହା ମାଧ୍ୟମରେ ମାତୃଭାଷା ପ୍ରତି ମମତା, ମାତୃଭୂମି ପ୍ରତି ଆବେଗ, ଅନୁରାଗ ଓ ଆକର୍ଷଣ ସୃଷ୍ଟି କରାଯିବ। ଓଡ଼ିଆ ଭାଷା ସାହିତ୍ୟର ଏହି ମହାପର୍ବର ସମ୍ଭବତଃ ଆମ ସମସ୍ତଙ୍କ ପାଇଁ ଯୁଗ ଯୁଗ ପାଇଁ ଏକ ସ୍ମରଣୀୟ ଓ ଅଭୁଲା ହେବ ନିଶ୍ଚୟ। ପିଲାମାନେ ତୁମେ ସମସ୍ତେ ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ଭୁଲିବ ନାହିଁ କାରଣ ଆମ ମାତୃଭାଷା ହେଉଛି ମାଆର ଭାଷା।

*ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଓଡ଼ିଶାର ବିକାଶ ରୂପାନ୍ତରଣରେ କାର୍ତ୍ତିକ ପାଣ୍ଡିଆନ


ବାଦଲ ଭୂୟାଁ

କୁହାଯାଏ ଭାରତର ରାଜନୀତି ଓଡ଼ିଶା ରାଜନୀତି ଠାରୁ ଅନେକ କିଛି ଶିକ୍ଷା ପାଇଥାଏ। ଦିନ ଥିଲା ରାଜନୀତିର କିମ୍ବଦନ୍ତୀ ଜନନାୟକ ତଥା କଳିଙ୍ଗବୀର ବିଜୁ ବାବୁଙ୍କ ରାଜନୀତିକୁ ନେଇ ଭାରତୀୟ ରାଜନୀତିରେ ଏକ ପ୍ରକାର ଉଠପଡ଼ ଦେଖିବାକୁ ମିଳୁଥିଲା। ପ୍ରକାରାନ୍ତରେ କହିବାକୁଗଲେ ବିଜୁ ବାବୁଙ୍କୁ ନେଇ ହିଁ ଭାରତୀୟ ରାଜନୀତିର ଚକ ଏକ ପ୍ରକାର ବୁଲୁଥିଲା। ବିଜୁ ବାବୁଙ୍କ ବିନା ଭାରତୀୟ ରାଜନୀତିର ଟିକିଏ ବି ନୂଆ ସମ୍ଭବନା ବା ନୂଆ ସମ୍ମିକରଣ ଦେଖିବାକୁ ମିଳୁନଥିଲା। ରାଜନୀତି ତାଙ୍କ ପାଇଁ ଥିଲା ଏକ ସମର୍ପିତ ସେବା। ଆଉ ରାଜନୀତିକୁ ମଧ୍ୟ ଯେ ସ୍ୱାଭିମାନ ଆଉ ସାଲିସ ବିହୀନ ଭାବେ ଅନ୍ୟମାନଙ୍କୁ ଦୃଢ଼ତାର ସହ ଦେଖା ଦିଆଯାଇପାରେ ତାହା ବିଜୁ ବାବୁ ଶିଖାଇଥିଲେ। ରାଜନୀତି ପାଇଁ ବିଜୁ ବାବୁ ଅନେକ କିଛି ହରାଇଛନ୍ତି ତାଙ୍କ ଜୀବନରେ। ବିରାଟ ବଙ୍ଗଳା ବିକ୍ରି କରିଛନ୍ତି ଆଉ ନିର୍ବାଚନରେ ଲଢ଼ିବା ପାଇଁ ଆଉ ସହକର୍ମୀଙ୍କୁ ସାହାଯ୍ୟ କରିବା ପାଇଁ ନିଜେ ଧନହନୀ ହେବାକୁ ପଛାଇ ନାହାଁନ୍ତି। ତେବେ ଖୁସିର କଥା ତାଙ୍କୁ ନେଇ ଓଡ଼ିଶାରେ ତିଆରି ହୋଇଥିବା ବିଜେଡ଼ି ପରି ଏକ ଆଞ୍ଚଳିକ ଦଳ ଭାରତୀୟ ରାଜନୀତିରେ ଯେଉଁ ସ୍ଥାନରେ ପହଞ୍ଚିଛି ତାହା କ୍ୱଚିତ ଆଞ୍ଚଳିକ ଦଳର ଭାଗ୍ୟରେ ଜୁଟିଥାଏ। ବିଜେଡ଼ି ତିଆରି ହେବା ସମୟରେ ଅନେକ ଦଳର କର୍ମକର୍ତ୍ତା, ରାଜନୈତିକ ସମୀକ୍ଷକମାନେ ସନ୍ଧୀଆନ ଥିଲେ। ଏହାର ଭବିଷ୍ୟତ ଓ ଅଗ୍ରଗତି ତଥା ଓଡ଼ିଶାରେ ଗ୍ରହଣୀୟତାକୁ ନେଇ ନାନା ଆଲୋଚନା ମଧ୍ୟ କରୁଥିଲେ। ହେଲେ ଆଜିର ଶକ୍ତିଶାଳୀ ବିଜେଡ଼ି ଦଳର କାୟାକୁ ଦେଖିଲେ ସେ ସମୟର ସମ୍ଭାବନାକୁ କଳନା କରୁଥିବା ଲୋକଟିର ଆଖି ନିଶ୍ଚିନ୍ତ ବୁଜି ହୋଇଯିବ। ତୃଣମୂଳ ସ୍ତରରୁ ବିଜେଡ଼ି ଏକ କ୍ୟାଡ଼ର ଭିତ୍ତିକ ଦଳ ଭାବେ ବେଶ ମଜଭୁତ ଓ ବେଶ ସଂଗଠିତ। ଓଡ଼ିଶାର ପ୍ରତି ସହରାଞ୍ଚଳ, ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳ, ଉପାନ୍ତ ଓ ଅପହଞ୍ଚ କେଉଁ ଗୋଟିଏ ଏପରି ସ୍ଥାନ ନାହିଁ ଯେଉଁଠି ବିଜେଡ଼ିର କହିବାକୁଗଲେ ରାଜୁତି ବା ପ୍ରଭାବ ନାହିଁ। ସବୁଠି ବିଜେଡ଼ିର ଦବଦବା ରହିଛି। ସ୍ଥାନୀୟ ନେତାମାନେ ଦଳର ସୁପ୍ରିମୋ ଓ ଓଡ଼ିଶାର ଜନମାନସରେ ସ୍ୱତନ୍ତ୍ର ସ୍ଥାନ ନେଇଥିବା ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କର୍ମୀ ମାନଙ୍କୁ ଯେଉଁପରି ବିକାଶର ମନ୍ତ୍ର ସେମାନଙ୍କର କାନରେ ଫୁଙ୍କିଛନ୍ତି ତାହା ହିଁ ବିଜେଡ଼ିର ଅସଲ ଶକ୍ତି। ଆଉ ଏହି ଶକ୍ତି ହିଁ ଭୋଟ ବ୍ୟାଙ୍କରେ ପରିଗଣିତ ହୋଇପାରୁଛି।

ଓଡ଼ିଶାର ନୁହେଁ ସମଗ୍ର ଭାରତରେ ନିର୍ବାଚନର ରଣତୁରୀ ବାଜିସାରିଲାଣି ଢ଼େର ପୂର୍ବରୁ। ସମସ୍ତେ ଏକ ପ୍ରକାର ରାଜନୀତିର ମହାଯୁଦ୍ଧ ପାଇଁ ପୁରାପୁରି ତୟାର। କେବଳ ଓଡ଼ିଶାରେ ନୁହେଁ ଯଦି ଭାରତୀୟ ରାଜନୀତିର ଦଳ ପରିଚାଳନା କ୍ଷେତ୍ରକୁ ଦେଖିବା ତେବେ ଓଡ଼ିଶାର ଆଞ୍ଚଳିକ ଦଳ ବିଜେଡ଼ି ବାସ୍ତବରେ ସବୁ ସମୟରେ ଯେ ନିର୍ବାଚନ ପାଇଁ ପ୍ରସ୍ତୁତ ଏହାକୁ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ରାଜନୀତିକୁ ୫ଟି ଓ ନବୀନ ଓଡ଼ିଶାର ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଓହ୍ଲାଇବା ପରେ ଓଡ଼ିଶାରେ ବିଜେଡ଼ି କେବଳ ଆହୁରି ଶକ୍ତିଶାଳୀ ହୋଇନାହିଁ ଏପରି ଭାବେ ନିଜକୁ ପ୍ରସ୍ତୁତ କରିଛି ଯେ ୨୪ ଘଣ୍ଟାରେ ନିର୍ବାଚନ ହେଲେ ସେମାନେ ବି ବାଜି ମାରିଦେବେ। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଜାରି ରହିଥିବା ବିଜୁ ଜନତା ଦଳର ଓଡ଼ିଶାବାସୀଙ୍କ ସେବା ଅଭିଯାନ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରୁ ହୋଇଛି ଅଧିକ ଗତିଶୀଳ। ରାଜ୍ୟ ରୂପାନ୍ତରଣର ଅନ୍ୟତମ ସାରଥୀ କାର୍ତ୍ତିକ ପାଣ୍ଡିଆନ ବିଜୁ ଜନତା ଦଳରେ ଯୋଗ ଦେବା ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି କରିଛି। ନବୀନ ଓଡ଼ିଶା ଓ ୫ଟି ଅଧକ୍ଷ କାର୍ତ୍ତିକ ନିଷ୍ଠା, ନମ୍ରତା ସହ ଓଡ଼ିଶାର ସମର୍ପିତ ସେବା ନିମନ୍ତେ ସଂକଳ୍ପ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦ ଛୁଇଁ ବିଜେଡ଼ିରେ ଯୋଗ ଦେଇ ଯେଉଁ ପରମ୍ପରା ସୃଷ୍ଟି କରିଛନ୍ତି ତାହା ରାଜ୍ୟବାସୀଙ୍କ ମନରେ ତାଙ୍କ ପ୍ରତି ସୃଷ୍ଟି କରିଛି ଅସୀମ ଶ୍ରଦ୍ଧା। ତାଙ୍କର ପ୍ରଶାସନିକ ଅଭିଜ୍ଞତା ଓ ବିକାଶମୂଳକ ମନୋଭାବ ରାଜ୍ୟର ରୂପାନ୍ତରଣକୁ ଅଧିକ କ୍ଷୀପ୍ରତର କରିବ ବୋଲି ସାଧାରଣ ଲୋକଙ୍କ ମନରେ ଆଶା ସୃଷ୍ଟି କରିଛି।

ଆଇଏଏସ ଚାକିରି ପରି ଉଚ୍ଚପଦ ଓ ଠାଟବାଟର ଲୋଭନୀୟ ଆଡ଼ମ୍ବରକୁ ପଛ କରି ଓଡ଼ିଶାର ଲୋକମାନଙ୍କ ପାଇଁ ବିକାଶ କରିବା ଓଡ଼ିଆ ମାନଙ୍କ ପାଇଁ କିଛି କରିବା ଏହି ସ୍ୱପ୍ନ ହିଁ ତାଙ୍କ ଟାଣି ଆଣିଛି ବିଜେଡ଼ି ରାଜନୀତି ଭିତରକୁ। ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ସକ୍ରିୟ ରାଜନୀତିରେ ପାଦ ଥାପିଥିବା କାର୍ତ୍ତିକ ପାଣ୍ଡିଆନଙ୍କ ଉପରେ କେବଳ ଓଡ଼ିଶା ନୁହେଁ ବରଂ ପୁରା ଭାରତ ବର୍ଷର ନଜର ରହିଛି। କଠିନ ଅଧ୍ୟବସାୟ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଶ୍ରୀ ପାଣ୍ଡିଆନ ଓଡ଼ିଶାକୁ ଏକ ମଡ଼େଲ ରାଜ୍ୟରେ ପରିଣତ କରିବା ପରେ ରାଜନୀତିରେ ସାମିଲ ହେବା ଏବେ ସବୁଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି। ୫ଟି ଏବଂ ନବୀନ ଓଡ଼ିଶା ଅଧକ୍ଷ ଦାୟିତ୍ୱ ଗ୍ରହଣ ସହିତ ବିଜୁ ଜନତା ଦଳରେ ଯୋଗଦେବା ପରେ ସମଗ୍ର ରାଜ୍ୟରୁ ଶ୍ରୀ ପାଣ୍ଡିଆନଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିଛି।

ରାଜନୀତିରେ ବିନମ୍ରତା ଓ ସମ୍ମାନବୋଧ ତଥା ଦଳର ମାର୍ଗଦର୍ଶକ, ନେତା ଓ ସୁପ୍ରିମୋଙ୍କୁ କିପରି ସମ୍ମାନ ଦେଇ ତାଙ୍କ ଆଶୀର୍ବାଦକୁ ପାଥେୟ କରି ଓଡ଼ିଶାବାସୀଙ୍କ ସେବା କରିବାକୁ ପଡ଼େ ତାର ବଡ଼ ଉଦାହରଣ ହେଉଛନ୍ତି ଭି.କାର୍ତ୍ତିକ ପାଣ୍ଡିଆନ। ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ମହାପ୍ରଭୁ ଏବଂ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇ ରାଜନୈତିକ ଜୀବନ ଆରମ୍ଭ କରିବା ପରେ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଅତ୍ୟନ୍ତ ବିନମ୍ରତା, ନିଷ୍ଠା ଓ ତ୍ୟାଗପୂତ ଭାବେ ଓଡ଼ିଶାବାସୀଙ୍କ ସେବା କରିବାକୁ ସଂକଳ୍ପ ନେବା ରାଜ୍ୟର ପ୍ରତ୍ୟେକ ଜନସାଧାରଣଙ୍କୁ ପ୍ରଭାବିତ କରିଛି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀ ଭାବରେ ଏହାକୁ ସେ ଯଥାର୍ଥରେ କାର୍ଯ୍ୟରେ ପରିଣତ କରି ଦେଖାଇଛନ୍ତି। ରାତି ହେଉ ଅବା ଦିନ, ମୁଣ୍ଡଫଟା ଖରା ହେଉ ଅବା ଅବିଶ୍ରାନ୍ତ ବର୍ଷା, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ସେ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ସାମ୍ପ୍ରତିକ ଭାରତ ଇତିହାସରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପହଞ୍ଚି ପାରିଛି। କ୍ଷେତ୍ରରେ ଲୋକଙ୍କ ସମସ୍ୟା ଶୁଣାଣି ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏହାକୁ ଉପସ୍ଥାପନ କରି ସମାଧାନ କ୍ଷେତ୍ରରେ ଯେପରି ତତ୍ପରତା ସେ ଦେଖାଇଛନ୍ତି ତାହା ପୂର୍ବରୁ କେବେ ଦେଖାଯାଇନାହିଁ। ପାଞ୍ଚ ଦଶନ୍ଧି ସମସ୍ୟା ୫ ଦିନ ମଧ୍ୟରେ ସମାଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଜନକେନ୍ଦ୍ରିକ ପ୍ରଶାସନର ନୂଆ ପରିଭାଷା ସୃଷ୍ଟି କରିଛନ୍ତି ଶ୍ରୀ ପାଣ୍ଡିଆନ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଶିଳ୍ପ, ପୁଞ୍ଜିନିବେଶ, ପର୍ଯ୍ୟଟନ, ବିପର୍ଯ୍ୟୟ ପରିଚାଳନା, ବିତ୍ତୀ ଅନ୍ତର୍ଭୁକ୍ତିକରଣ ସବୁ କ୍ଷେତ୍ରରେ ଓଡ଼ିଶା ଏକ ମଡ଼େଲ ରାଜ୍ୟରେ ପରିଣତ ହୋଇଛି। ପ୍ରଗତିର ଇଞ୍ଜିନ ସାଜିଛି ୫ଟି ଉପକ୍ରମ ଏବଂ ମୋ ସରକାର କାର୍ଯ୍ୟକ୍ରମ। ଗଣତନ୍ତ୍ରରେ ଜନତାଙ୍କ ମତାମତ ଆଧାରରେ ରାଜ୍ୟ ସରକାର ପ୍ରଣୟନ କରିଛନ୍ତି ନିୟମ। ସରକାରୀ ଚାକିରୀରେ ରହି ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣି ଦେଇଥିବା ଶ୍ରୀ ପାଣ୍ଡିଆନଙ୍କୁ ରାଜନେତା ଭାବେ ଦେଖିବା ଲାଗି ପୁରା ରାଜ୍ୟ ବ୍ୟଗ୍ର। ପ୍ରଶାସନିକ ଦକ୍ଷତାରେ ପରିପୂର୍ଣ୍ଣ ଏହି ପୂର୍ବତନ ଆଇଏଏସ ଅଧିକାରୀ ଜଣେ ରାଜନେତା ଭାବେ ଓଡ଼ିଶାର ବିକାଶକୁ ଏକ ନୂଆ ସ୍ତରକୁ ନେବେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଓଡ଼ିଶାର ବିକାଶରେ ଭି.କାର୍ତ୍ତିକ ପାଣ୍ଡିଆନଙ୍କ ଅଗ୍ରଣୀ, ସଂଗଠିତ ଓ ଦୂରଦର୍ଶୀ ନେତୃତ୍ୱ ଏ ରାଜ୍ୟର ଅଭିବୃଦ୍ଧି କ୍ଷେତ୍ରକୁ ଆହୁରି ଆଗକୁ ନେଉ ଓଡ଼ିଶାର ବିକାଶ ହେଉ ଏହା ହିଁ କାମନା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ*
*ରୋଡ଼, ପୁରୁଣା ସୋନାରୀ,*
*ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*

# ସାହିତ୍ୟ ଦର୍ପଣ



## ରାଜା ମା'ର କାହାଣୀ



ଡଃ ଶଶୀ ଭୂଷଣ ମହାପାତ୍ର

ସମସ୍ତଙ୍କର ଆଖି ତା' ଉପରେ । କି'ଏ ତା' ଆଖିରେ ଆଖି ମିଳାଇବାକୁ ଚାହେଁ ତ କି'ଏ କୁକୁର ଭଳି ପଛରେ ଗୋଡ଼ାଏ । ସେ ଯେମିତି ଗଛର ପାଚିଲା ଫଳଟିଏ, ପକ୍ଷୀମାନେ ଅନାଇଛନ୍ତି ଖୁମ୍ପି ଖାଇବାକୁ ଅବା ଫୁଲଟିଏ ଭଅଁରମାନେ ଅନେଇଛନ୍ତି ମହୁ ଶୋଷିବାକୁ ।ଏ ଭୁଲ କାହାର ? ତା'ର ନା ସେମାନଙ୍କର । କାହାକୁ ଦୋଷ ଦେବ ? ଦୋଷ କରିଥିବା ଲୋକତ ପାଖରେ ନାହିଁ ।ସେ ଅନାଇଲା ନାହିଁ , ଯିଏ ସୁଖ ଦୁଃଖରେ ଭାଗି ହେବ ବୋଲି କଥା ଦେଇଥିଲା । ଯାହାକୁ ସେ ଆପଣାର କରିଥିଲା ।

ଅନ୍ୟମାନଙ୍କୁ ଦୋଷ ଦେଇ ଲାଭ କ'ଣ ? ଯାହାପାଇଁ ଏ ଫଳ ପାଚିଥିଲା ଯଦି ସେ ନଖାଇଲା, ବିଲୁଆପରି ଅନ୍ୟମାନେ ଲାଳ ଗାଡ଼ାଇଲେ ତାହେଲେ ସେମାନଙ୍କର ଭୁଲ ରହିଲା କେଉଁଠି ?ତେବେ ସେ କ'ଣ ଫଳଟିଏ ଯିଏ ଚାହିଁବା ଆମ୍ବ ପରି ଝୁଣିଯିବା ସେ କ'ଣ ଫୁଲଟିଏ ଯେ, ଯେକେହି ବାସ୍ନା ବାରିଯିବ ? ସେ ଫୁଲ ନୁହଁ କି ଫଳ ନୁହଁ,ସେ ଗୋଟିଏ ନାରୀଟିଏ ମଣିଷ ରୂପରେ ।

ଜୀବନର ମୂଲ୍ୟ କ'ଣ କିଛି ନାହିଁ ?ଜନ୍ମ ହେବା, ମରିବା ଏବଂ ତାଭିତରେ ଧଇଁ ସଇଁ ହୋଇ ବଂଚିବା କ'ଣ ଜୀବନ ।ଜଣେ କେହି କହିଥିଲେ, ଜୀବନ ଆନନ୍ଦମୟ ତେବେ ତାର ଜୀବନ ଏତେ ଯନ୍ତ୍ରଣାମୟ କାହିଁକି ? କାହିଁ କେହିତ ତା' ଭଳି ସବୁ ନାହାନ୍ତି । କେହିତ ତା' ଭଳି ଦହଗଞ୍ଜ ହେଉନାହାନ୍ତି,ସେ ତେବେ ଏତେ ଉଦାସ କାହିଁକି ? ଅନ୍ୟମାନଙ୍କ ପରି ସେ କଣ ହସି ପାରିବନି , ବଂଚି ପାରିବନି ?ସେ ନିରୁପାୟ କ'ଣ ପାଇଁ,କ'ଣ ପାଇଁ ସେ ଦୁର୍ବଳ ? ଅନ୍ୟ ମାନଙ୍କପରି ସେ ବି ମଣିଷଟିଏ, ଫରକ ଏତିକି ଯେ ସେ ସମ୍ପୂର୍ଣ୍ଣ ଏକା । ନିହାତି ଏକଲା, ଯେଉଁ ସମୟରେ କେହି ଏକା ଏକା ରହିନଥାନ୍ତି ।

ସାଥିଟିଏ ସେ ପାଇଥିଲା ।ପକ୍ଷୀ ପକ୍ଷୀଣି ପରି ନୀଡଟିଏ ରଚିଥିଲେ ।ଚକୋର ଚକୋରି ପରି ଅନେକ ରାତି ଉଜାଗର ରହିଥିଲେ ।ଗୋଟିଏ ସ୍ୱପ୍ନ ଦୁହେଁ ମିଶି ଦେଖିଥିଲେ । ଘର ଭାଙ୍ଗି ଗଲା,ସ୍ୱପ୍ନ ହଜିଗଲା ,ରାତି ପାହିଗଲା ,ମନର ମଣିଷ ବି କାହିଁ କେଉଁ ଆଡେ ଉଭେଇଗଲା।

ଯୌବନର ତାତିରେ ଏବେ ଦେହରେ ଖଇ ଫୁଟୁଛି ।ଜୀବନ ତା'ର ବିଳାପ କରୁଛି ।ମନ ଆଉ ବାଡ଼ ବତା ମାନୁନି ।ତାର ବି ତ' ଗୋଟେ ଦେହ ଅଛି ,ମନ ଅଛି ।କେତେ ଲଗାମ ଦେବ । ଏ ବୟସରେ କିଏ କ'ଣ ଏମିତି ଏକା ଏକା ଜୀବନ କଟୁଥିବ, କେଜାଣି ?ସେ ବୋଧ ହୁଏ ଏକ ବ୍ୟତିକ୍ରମ ।ସାଥି ହରା ପକ୍ଷୀଟିଏ । ଏକା ଏକା କେତେ ଉଡ଼ିବ ? ଉଡି ଉଡି ହାଲିଆ ପ୍ରାୟ ।ଏମିତି ହାଲିଆ ହୋଇ ତଳେ ଖସି ପଡିବା ଅପେକ୍ଷା କାହା ପଞ୍ଜୁରୀରେ ଧରାଦେବା ଶ୍ରେୟସ୍କରା

ବସି ବସି ସାରୀ କେତେ କଥା ଭାବୁଥିଲା ।ଏଇ କିଛି ବର୍ଷ ତଳେ ତାର ବିଭାଘର ହୋଇଥିଲା ରଘୁଆ ସହ, ଅଗ୍ନିକୁ ସାକ୍ଷୀ ରଖି ।କି ରୋମାଞ୍ଚ ନଥିଲା ସେଦିନ !ମନ୍ତ୍ର ଉଚ୍ଚାରଣ ଏବଂ ହୁଳ ହୁଳିର ଶବ୍ଦରେ ଦି ଦିଟା ଜୀବନ ପରସ୍ପରକୁ ଯୋଡି ହୋଇ ଯାଇଥିଲେ ।ବାହାଘର ପୂର୍ବରୁ ଭାବିଥିଲା ବେଦି ମୂଳେ ଘଣ୍ଟ ଘଣ୍ଟା ବସିବା କେତେ କଷ୍ଟ ,ଓଢଣା ଭିତରେ ଦି ପାଦ ଚାଲିବା କେତେ କଷ୍ଟ ।ସେ ପାରିବନି କିନ୍ତୁ ସେଦିନ ସେ ଠିକ ପାରିଥିଲା ।କାହିଁ କିଛିତ କଷ୍ଟ ଅନୁଭବ କରିନଥିଲା ବରଂ ଓଢଣା ଭିତରେ ଅତି ସହଜ ଅନୁଭବ କରିଥିଲା ।ଅନେକ ସ୍ୱପ୍ନ ଦେଖି ଥିଲା ।ପଣତ କାନିରେ ତାର ହୃଦୟର ମଣିଷକୁ ସବୁଦିନ ଘୋଡାଇ ରଖିବ ବୋଲି ଏକ ପ୍ରକାର ଶପଥ ନେଇଥିଲା ।ତା' ମଣିଷ ଗୋଟାପଣେ ତାର ଆଉ ସେବି ଗୋଟାପଣେ ତା' ମଣିଷର ।

ଏବେ କଣ ହେଲା ?ତା' ପ୍ରାଣ ର ମଣିଷ ସବୁ ସ୍ୱପ୍ନକୁ ଦଳି ଚକଟି ଦେଲା ।ମଧୁ ମକ୍ଷି ପରି ଗୋଟିଏ ଫୁଲରୁ ଯାଇ ଆଉ ଗୋଟିଏ ଫୁଲରୁ ମଧୁ ଶୋଷିଲା ।ସେତେ ଯେମିତି ଫୁଲ ସବୁ ଶୋଷ ମେଣ୍ଟାଇବା ପାଇଁ ଫୁଟୁଛି।

ମନେ ପଡୁଛି ବିନି କଥା ସେ ବହୁତ ପୂର୍ବରୁ ବାହା ହୋଇଥିଲା ।ତା' ବର କିନ୍ତୁ ତାକୁ ଛାଡି କେଉଁଆଡେ ପଳାଇଗଲା ଆଉ ଆସିଲା ନାହିଁ ।ସେଦିନ ସେ ବିନି କୁ କହିଥିଲା, ତୁ ନିହାତି ବୋକୀଟେ ତାକୁ ତୋ କାନିରେ ବାନ୍ଧି ରଖିପାରିଲୁନାହିଁ ।ତୋ ରୂପରେ ମୋହି ପାରିଲୁନି ତେଣୁ ସେ ଛାଡି ଜିବେନିତ ଆଉ କ'ଣ ତୋ ସହିତ ରହିଥାନ୍ତେ ?ଏବେ କିନ୍ତୁ ସେ ତା' ଭଳି ଦଶା ଭୋଗୁଛି ।ସେ କାହିଁକି ବାନ୍ଧି ରଖି ପାରିଲାନି ?ତାର ରୂପ କ'ଣ ନଥିଲା ନା ଯୌବନ ନଥିଲା ।ସବୁତ ସମର୍ପି ଦେଇଥିଲା ।ତେବେ ରଖିପାରିଲାନାହିଁ କାହିଁକି ?ଏ ଦୋଷ କ'ଣ ତାର ?ଏମିତି ଅନେକ ପ୍ରଶ୍ନ ତାକୁ ସର୍ପ ପରି ଦଂଶନ କରୁଥିଲା ।

ସେ ଚାଲିଗଲା ତା' ବାଟରେ ।ଟିକେବି ତାକୁ ଚାହିଁଲାନି ,ଭାବିଲାନି ସେ ବଂଚିବ କେମିତି ?ଦୁହେଁ ଲଗାଇଥିବା ଗଛଟି ବଂଚିବ କେମିତି ?କେଉଁ ବଙ୍ଗାଳି ଝିଅଟିଏ ଫସାଇ ନେଇଗଲା ତାକୁ ସୁଖରେ ରଖିବ ବୋଲି ।କେଉଁ ସୁଖ ପାଇବା ତାକୁ ଜଣ ?ସେ ତା' ସୁଖରେ ରହିଥାଉ ,ନ ଆସୁ ।ଏବେ ସେ ସୁଖରେ ଅଛି ।ତା' ଓଠରେ ହସ । ତା' ପୁଅ ଆଜି ମାଟିରେ ପାଦ ଥାପିଲାଣି ।ତା' ହାତରେ ହାତ ଥାପି ଗୋଡ ହାତ ସଳଖିଲାଣି ।ସେଇ ତାର ଜୀବନ ।ତା' ହୃଦୟର ଗଣ୍ଠି ଧନ,ଏକୋଇରବଳା ବିଷିକେଶନ ।ତାକୁ ସେ ମଣିଷ ଭଳି ମଣିଷ କରିବ ।ତା' ଆଖିର ଲୁହକୁ କୁନି କୁନି ହାତରେ ପୋଛିବ ।ସେ ହସିବ ଏବଂ ସେ ହସରେ ଆଉ କାହାକୁ ଭାଗ ବସାଇବାରେ ସାମିଲ କରିବନି ।

କେମିତି ବଂଚିବ ?ଏତେବଡ ସହରରେ କିଏ ଅଛି ନିଜର ? ଦି ମୁଠା ଆହାର ଯେଉଁଠି ସ୍ୱପ୍ନ ସେଠି ତା' ପୁଅ କୁ କେମିତି ପାଳିବ ?କାମ କେଉଁଠୁ ମିଳିବ ?କି'ଏ ଦେବ ସାହାରା ?ସମସ୍ତଙ୍କର ନଜର ତା' ଦେହ ଉପରେ ।କି'ଏ କଣେଇ ଚାହୁଁଛିତ କିଏ ଘଷି ହୋଇ ଯାଉଛି ।କି'ଏ ଖଣ୍ଡି କାଶ ମରିଛିତ କି'ଏ ଇସାରା ଦେଉଛି ।ଏମିତିକି ବୟସରେ ସାନ ପିଲାମାନେ ବି ଇସାରା ଦେବାକୁ ପଛାଉନାହାନ୍ତି ।ସତରେ ସେ ଏତେ ସୁନ୍ଦରୀ !ଏ ତେବେ ତାର ଦୋଷ ନୁହେଁ ,ଦୋଷ ଏଇ ଯୌବନ ଭରା ଶରୀରର !ତେବେ ତା' ମଣିଷ କାହିଁ ଏ ସୌନ୍ଦର୍ଯ୍ୟରେ ଅଟକି ଗଲାନି ?ଏବେ ଏସବୁ ଚିନ୍ତା କରିବାରେ କିଛି ମାନେ ନାହିଁ ।ସେ କେବଳ ମହିଳାଟିଏ ନୁହେଁ ,ମା'ଟିଏ ମଧ୍ୟ । ମାତୃତ୍ୱ ତାର ବିଳପି ଉଠୁଛି ।ତା' ଶୁଖିଲା ସ୍ତନରୁ କୋଉ ଅମୃତ ଝରିବ ଯେ ସେ ତା' ପୁଅ ପାଇଁ ନିଗାଡ଼ିଦେବ ।ନ ଝରୁ ଟୋପାଏ ,ସେ ଶୋଷିନେଉ ତାର ରକ୍ତ ମାଂସ । ସେଥିରେ ଆନନ୍ଦ ଅଛି,ମାତୃତ୍ୱ ଯାହିରି କରିବାରେ ସୁଖ ଅଛି । ସେ ଏକ ଭିନ୍ନ ଆବେଗ ସୃଷ୍ଟିକୁ ବଞ୍ଚାଇ ରଖିବାରେ ।ମା'ତ ସର୍ବସଂହା ,ସୃଷ୍ଟି ପାଇଁ ସବୁ କଷ୍ଟ ସହିପରେ ।

କେତେ ଦିନ ଏମିତି ଭୋକ ଉପାସରେ ବଂଚିବ ?ଦେହକୁ ମୋଡି ମକଚି ଚିରା ଫଟା ଶା ?ୀ ଭିତରେ କେତେଦିନ ଲୁଚାଇ ରଖିବ ? ଦେହ ପାଇଁ ଆହାର ମୁଠେ ଦରକାର ।ଆହାର ଦେବା ପାଇଁ ସେମାନଙ୍କର ଦେହ ଦରକାର ।ଜୀବନ ପାଇଁ ଏଦୁଇଟା ଦରକାର । ଦୁଇଟା ଜୀବନ ବଂଚିବା ପାଇଁ ଗୋଟିଏ ଦେହ ବାଜି ପଡିଲେ ପାପ ରହିଲା କେଉଁଠି ?ପୁଅ ତାର ସିଧା କରି ଛିଡା ହେବ ।ଅନ୍ୟମାନ ଙ୍କ ଭଳି ମିଠାଇ, ବିସ୍କୁଟ ଖାଇବ ଏବଂ ସ୍କୁଲକୁ ଯିବ ।ସେ ବି ମା' ମା' ଡାକିବ ।ମା' ମା' ଡାକରେ ତା' ଛାତି କୁଣ୍ଡେ ମୋଟ ହେବା ସେଥିରେ ସେ ହେଳା କରିବ କାହିଁକି ?

ମୁନିସପାଲଟି ଘର ଭାଙ୍ଗିବାକୁ ଧମକ ଦେଲା ।ତାରି ଆଖି ଆଗରେ ତାର ଛୋଟିଆ ବସାଟିକୁ ମାଟିରେ ମିସାଇଦିଆଗଲା ।ଚାରିଆଡ ଅନ୍ଧାର ଘୋଟିଗଲା ।କେହି ଜଣେ ସାହାରା ଦେବା ସର୍ତ୍ତରେ ସବୁ ଲୁଟିନେଲା ।ଦେହ ଗୋଟିଏ କଣ୍ଢେଇ ପାଲଟିଗଲା ।ପ୍ରଥମେ ପ୍ରଥମେ ଭାରି ଅଡୁଆ ଲାଗୁଥିଲା ।ତାପରେ ସବୁ ଦେହସୁହା ହୋଇଗଲା ।ଆଉ ଅଡୁଆ ଲାଗୁନି ।ବଂଚିବାର ସେଇ ଗୋଟିଏ ପନ୍ଥା ତା ଆଗରେ ରହିଲା ।ଏଥିରେ ପାପ ରହିଲା କେଉଁଠି ?ସେ ତ ଦେହର ଜ୍ୱାଳା ମେଣ୍ଟାଉ ନାହିଁ ବରଂ ଦୁଇଟା ପେଟର ଜ୍ୱାଳା ମେଣ୍ଟାଉଛି ।ଦେହର ଜ୍ୱାଳା ଲିଭାଇବା ପାଇଁ ସେମାନେ ଫୋପାଡିଲେ ଆହାର ।ଆହାର ତ ଲକ୍ଷ୍ମୀ ,ସେ ଯାହା ଗୋଟାଇ ଆଣିଲା ।ତାପରେ ସେ ଶ୍ରୀମୟୀ ହେଲା ।

ବସନ୍ତ ଏବେ ପୁଣି ତା' ଉପରେ ସବାର ହେଲା ।ସେ ନିଜକୁ ଈର୍ଷା କଲା ।କେତେ ବଦଳି ଯାଇଛି ସତେ! ଖରାର ତାତି ସହି ପାରୁନଥିବା ଦେହ ଏବେ ସମସ୍ତଙ୍କର ତାତି କୁ ଦେହରେ ଖେଳାଇ ଦେଉଛି । ସମସ୍ତଙ୍କ ଗରମ ନିଶ୍ୱାସକୁ ସହି ଯାଉଛି ।ଯିଏ ଯେମିତି ନଚାଉଛି ସେମିତି କଣ୍ଢେଇ ପରି ନାଚୁଛି ।ତା' ପୁଅ ପାଇଁ ରୋଜ ବିସ୍କୁଟ ଆଣୁଛି , କଣ୍ଢେଇ ଆଣୁଛି ।ତା' କୁନି କୁନି ପାଦରେ ଜୋତା ପିନ୍ଧାଇ ପାରୁଛି ।ନିଜେ ନୂଆ ଶା ?ୀ ପିନ୍ଧି ପାରୁଛି ।ସ୍ନୋ ,ପାଉଡର ,ଅତର ଲଗାଉଛି ।ଆଇନାରେ ବାରମ୍ବାର ମୁଁହ ଦେଖୁଛି ।ଏବେ ସେ ବଞ୍ଚୁଛି ଯେମିତି ସମସ୍ତେ ବଂଚୁଛନ୍ତି । ତା' ପୁଅ ମୁହଁରେ ଚେନାଏ ହସ ଦେଖି ଆତ୍ମହରା ହେଉଛି। ଅନ୍ୟମାନଙ୍କ ପରି ହସୁଛି,ସ୍ୱପ୍ନବି ଦେଖୁଛି ।ପୁଅ ତାର ଆକାଶ ରେ ଉଡ଼ିବ ।ଭଗବାନ ତାକୁ ଆଶିଷ ଦିଅନ୍ତୁ ସେ ଉଡୁ ଯେଉଁ ପର୍ଯ୍ୟନ୍ତ କେହି କେବେ ଉଡିନଥିବେ ।

ପୁଅକୁ ଏବେ ପାଞ୍ଚ ବର୍ଷ ।ସେ ଖେଳୁଛି,ବୁଲୁଛି,ହସୁଛି ତା' ମନରେ ଆନନ୍ଦ ଭରି । ପୁଅ ଆଜି ପଚାରୁଛି –

ମା' ମୁଁ ସ୍କୁଲ କୁ ଯିବି ?

–ହଁରେ ମୋ ଧନ ।

ମା' ମୁଁ ବହୁତ ପାଠ ପଢ଼ିବି –

–ହଁରେ ବାପା

ମା' ମୋତେ ରୋଜ ଚକଲେଟ ଦେବୁ

ଦେବିରେ ମୋ ବୁଢା ।ତୁ ଯାହା ଚାହିଁବୁ ଦେବି । ବହି ଦେବି,ଖାତା ଦେବି,କଲମ ଦେବି ।ତୁ ପଢ଼ିବୁ ,ବହୁତ ପଢ଼ିବୁ, ସମସ୍ତଙ୍କଠୁ ଅଧିକ ।ହାକିମ ହେବୁ ତୁ ।

ମା' ମୁଁ ଆକାଶକୁ ଯିବି ।ଜହ୍ନ ରାଇଜକୁ ଯିବି ।ସେଠି ରାଜା ହେବି ।

–ହଁରେ ମୋ ରାଜା ।ତୁ ରାଜା ହେବୁ ।ତୋ ପାଇଁ ରାଣୀ ଆଣିଦେବି।

ମା ରାଣୀ ମାନେ କ'ଣ ?

ରାଜାଙ୍କ ସ୍ତ୍ରୀଙ୍କୁ ରାଣୀ କୁହନ୍ତି ।

ମା' ତାହେଲେ ମୋ ପାଇଁ ଗୋଟେ ରାଣୀ ଆଣିଦେ ।

ହସିଲା ସାରୀ ।କେତେ ସରଳ ତାର ଧନମଣି ।ଏଡ ? ବକୁଟେ ହୋଇ କେତେ କଥା କହୁଛି ।କେତେ କଥା ପଚାରୁଛି ।ହେ ଭଗବାନ ! ତାକୁ ତୁମେ ରାଜା କର ।

ମା' କ'ଣ ଭବୁଛୁ ?ମୋ ପାଇଁ ଆଣି ଦେବୁ ?

ହଠାତ ଭବନରୁ ଓହରି ଆସିଲା ସାରୀ ।ଉତ୍ତର ଦେଇ କହିଲା– ହଁରେ ଧନ ତୋ ପାଇଁ ଆଣିଦେବି ।ଏବେ କ'ଣ କି'ଏ ଆଣି ରଖେ ? ବଡ ହେଲେ ତୋ ପାଇଁ ଆଣିଦେବି । ଆଗେ ତୁ ରାଜା ହୁଅ । ତୋର ସୁଖ ଦେଖି ଦେଖି ମୁଁ ମରିଯିବି ।

ମା' ତୁ ମରିବୁ!

–ହଁରେ ବାପା ।

ମା' ସମସ୍ତେ ମାରନ୍ତି–

–ହଁ ମୋ ଧନ

ମା' ମୁଁ ବି –

–ନାରେ ମୋ ଧନ ।ତୁ ସେମିତି କହନା ।ସେ କଥା ତୁଣ୍ଡରେ ଧରନା ।ତୋତେ ଷଠୀ ଦୁଛେଇଁ କୋଟି ଆୟୁଷ ଦେଇଥାନ୍ତୁ ।

ପୁଅ ତାର ସେଦିନ ପ୍ରଶ୍ନ ପଚାରି ପଚାରି ସୋଇ ପଡିଲା ।କୋଳରେ ଜାକି ଧରି ଘନ ଅନ୍ଧାର ଭିତରେ ସାରୀ ସ୍ୱପ୍ନର ସାକାର ରୂପ ଖୋଜୁଥିଲା ।

ପୁଅ ତାର ଆଜି ସ୍କୁଲରେ ଭର୍ତ୍ତି ହୋଇଛି ।ହାତରେ ସିଲଟ ଧରି ଡେଇଁ ଡେଇଁ ସ୍କୁଲ କୁ ଯାଉଛି ।ଏ ସବୁ ଦେଖି ସାରୀ ଆଖିରୁ ଲୁହ ଜକେଇ ଆସୁଛି ।ଅନେକ ଦିନ ପରେ ମନ ଆନନ୍ଦରେ ନାଚି ଉଠୁଛି ।ସବୁଦିନ ଭଳି ଆଜି ବି ଯାଇଛି ।ଖରାବେଳରେ ଏକଲା ସୋଇ ରହି ଭାବୁଛି ତା' କଥା ।କେମିତି ବସ୍ତି ସାରା ତା' ନାଁ ରେ ଟୁପୁରୁ ଟାପୁର ହେଉଛନ୍ତି ।ସେ କୁଆଡେ ବାରଙ୍ଗନା,କଳଙ୍କିଂନୀ,ତା' ପାଇଁ ସାରା ବସ୍ତି ଆଜି ଅପବାଦରେ ପଡୁଛି ଉଠୁଛି ।

ମନେ ମନେ ହସୁଛି ସେ ବେଶ୍ୟା ବୋଲି ।ଝିଅଟିଏ ଥିଲା ସ୍ତ୍ରୀଟିଏ ହେଲା ଏବଂ ତାପରେ ମା'ଟିଏ ହେଲା ଏବେ ପରଦାରୀଟିଏ ତାକୁ କିଏ କଲା ?ସମାଜରେ ମୁଖା ପିନ୍ଧିଥିବା ମଣିଷଙ୍କ କଥା ଭାବୁଥିଲା ।କେମିତି ପଶୁ ଭଳି ସେମାନେ ଖିନ ବିନ କରୁଛନ୍ତି ତାରି ଭଳି ଅସହାୟ ଶାରୀମାନଙ୍କୁ ।ସେ ତ ସୀତା ,ସାବିତ୍ରୀ ହୋଇ ରହିପାରିଲାନି,ସେମାନେ କେଉଁ ରାମ, ସତ୍ୟବାନ କି ?ସମାଜ ଖାଲି ସାରୀ ଭଳି ଅସହାୟ ନାରୀମାନଙ୍କୁ ଘୃଣା କରି ଜାଣିଛି ହେଲେ କେବେ ସେମାନଙ୍କୁ ନୁହେଁ ।

ସାରୀ ନିଜକୁ ପ୍ରଶ୍ନ ପଚାରୁଥିଲା କାହିଁ ସେ ତ ନିଜକୁ ଘୃଣା କରୁନି ।ସେ ତା ସଂସାର ଭିତରେ ବେସ ଭଲରେ ଅଛି ।ମନ ତାର ନିଷ୍ପାପ ,ହେ ଭଗବାନ ଏ ଶରୀରରୁ ମୁକ୍ତି ଦିଅ ।

ଏମିତି ଏକ ଖରାବେଳେ କବାଟରେ କାହାର ଖଟ ଖଟ ଶବ୍ଦ ଏମିତି ଏକ ଖରାବେଳେ କବାଟରେ କାହାର ଖଟ ଖଟ ଶବ୍ଦ ଶୁଣିଥିଲା ।କବାଟ ଖୋଲି ଦେଖିଲାତ ତାର ଘର ଛଡା ମଣିଷ ଛଅ ବର୍ଷ ପରେ ତା' ଆଗରେ ଖୁଣ୍ଟ ଭଳି ଛିଡ଼ା ହୋଇଛି ।ଆଗର ରୂପ ଆଉ ନାହିଁ ।

ମୁଂହରୁ କଥା ବାହାର କରି କହିଲା– ସାରୀ ମୁଁ ଫେରି ଆସିଛି ।

ରଖ ତୋର ସାରୀ ଡାକ । କେଉଁଥିପାଇଁ ଆସିଛୁ ? ମୁଁ ତୋର କି'ଏ? ତୁବା ମୋର କି'ଏ ?

–ମୁଁ ତୋ ରଘୁ ,ରଘୁଆ ।

ସାରୀ କହିଲା ସେ ସରାଗ କଥା ରଖ ତୋ ପାଖରେ । ସେ କଥା ନୂଆ ନୂଆ ବାହାଘର ବେଳେ ଭଲ ଲାଗୁଥିଲା ଏବେ ଯା ଆଉ କାହାକୁ କହିବୁ

ଭୁଲ ମାଗିଥିଲା ରଘୁ,କ୍ଷମା କରିବା ପାଇଁ ନେହୁରା ହୋଇଥିଲା ସେଦିନ ।ସାରୀ କିନ୍ତୁ କିଛି ଶୁଣି ନଥିଲା ।କେଉଁଥି ପାଇଁ ଶୁଣିବ ?ସେଦିନ ସେ କେତେ କାକୁତି ମିନତୀ ହୋଇଥିଲା କାହିଁ ସେତ ଶୁଣି ନଥିଲା ।ପେଟରେ ବଢୁଥିବା ଛୁଆଟା କଥା ଭାବି ନଥିଲା ।ଏବେ କାହିଁକି ଧାଇଁ ଆସିଛି ?ମୋ ଧନ କୁ ଦେଖି ଲୋଭ ହେଲାକି ?ଫେରିଯା,ଯେମିତି ଯାଇଥିଲୁ ସେମିତି ପଳା, ସାରୀ ଜବାବ ଦେଲା ।

ସାରୀ ସେ ମୋତେ ଛାଡି ଚାଲି ଗଲା । ମୋତେ କ୍ଷମା କର ।ମୁଁ ବହୁତ ଦଣ୍ଡ ପାଇଲିଣି ।

ନାଗୁଣୀ ପରି ଫୁତ୍କାର କରି ସାରୀ କହିଲା ପଳା ଏଠୁ ।ମାଇପ ସୁହାଗ ଆଉ ହଅନା । ତୋ ଭଳି ଅନେକ ମରଦ ଦେଖିଲିଣି ଆଉ କଅଁଳ କଥା କହନା । ଆହୁରି ଦଣ୍ଡ ପାଇବୁ ।ଏତିକି କହି ସାରୀ ଧଡ଼ କରି କବାଟ ବନ୍ଦ କରିଦେଲା ।ବାହାରୁ ଖାଲି ସାରୀ ସାରୀ ଶବ୍ଦ ଶୁଭୁଥିଲା ।

ଆଖିରୁ ତାର ଦିଟୋପା ଲୁହ ଗଡିପଡିଲା ।ସେ ଲୁହ ଭାରି ତତଲା ଥିଲା ।କାନିରେ ଲୁହ ପୋଛି ପୋଛି ଭାବିଥିଲା କୋଉ ମନ ଅଛି ଯେ ତାକୁ ରଖିଥାନ୍ତା ।ମନ କେଉଁଦିନୁ ଭାଙ୍ଗି ଖପରା ହେଲାଣି ଆଉ ଯୋଡ଼ିଲେ କଣ ହେବ ।କେଉଁ ସୁଖ ସରାଗ ଅଛିଯେ ତା' ଛାତି ରେ ମୁଂହ ଗୁଂଜି ରାତି ପୁହାଇ ଦେବ ।କଳଙ୍କିତ ଜୀବନରେ ସେ ସବୁର କେଉଁ ସୁଖ ଅଛି ?କେଉଁ ଗ୍ୟାରେଣ୍ଟି ଅଛି ସେ ରହିବ ?ପାଳାଇଯିବ ଯଦି; ଜୀବନ ସାରା କାନ୍ଦିବା ସାର ହେବ ।ଦେହଟା କୋଉ ଆଉ ତାର ହୋଇ ଅଛି ଯେ ସେଥିରେ ସ୍ୱାମୀ ସୁହାଗ ରଖିବ । ଏ ସାରୀ ତ ସମସ୍ତଙ୍କର ,ସମସ୍ତେ ତାକୁ ପୋଷା ମନାଇଛନ୍ତି ।ସେ ଏବେ ସମସ୍ତଙ୍କ ହାତରୁ ଆହାର ଗୋଟାଉଛି । ହଠାତ ପୁଅ ର ମା' ମା' ଶବ୍ଦ ରେ ଚମକି ପଡିଲା ସାରୀ !କେତେବେଳେ ସ୍କୁଲ ଛୁଟି ହୋଇଗଲାଣି ଜଣା ନାହିଁ ।ପୁଅ ଆସି ଆଗରେ ଛିଡା ହୋଇଛି ।ଜାବୁଡି ଧରି ପଚାରୁଛି ମା' ମା' ମୋତେ ତୁ ଆଜି ଗୋଟେ କଥା କହିବୁ ।ସାରୀ କହିଲା –ଏତେ ବ୍ୟସ୍ତ କାହିଁକି ,ହାତ ,ମୁଂହ ଧୋଇ ହୋଇ ଖାଇ ସାରିଲେ ପଚାରିବୁ ?

ନା' ମା' ତୁ ଏବେ ନକହିଲେ ମୁଁ ଖାଇବି ନାହିଁ

ତୁ ଏମିତି କଣ ପଚାରିବୁ ଯେ ମୁଁ କହିବିନି ।ପଚାରିଲେ ତୁ ପଚାରିବୁ ଚକ ମାନେ କଣ ,ଅଖ ମାନେ କଣ ।ଏଇଆ ନା ଆଉ କଣ ?

–ନା ମା' ଏ ସବୁ ନୁହେଁ ।

ତାହେଲେ ଆଉ କଣ ?

ମା ବେଶ୍ୟା ମାନେ କଣ ? ତୁ ଗୋଟେ .....

ଚମକି ପଡିଲା ସାରୀ । ମୁଣ୍ଡ ତାର ଝାଇଁ ଝାଇଁ ମାରିଲା ।କି'ଏ ତାକୁ ଏ କଥା କହିଲା ?ଏଡ? ବକଟେ ପିଲା ମୁଣ୍ଡରେ କି'ଏ ବିଷ ଭରିଲା ।ତାକୁ ଯେମିତି କି'ଏ ତାଠୁ ଛଡାଇ ନେଉଛି ।ଆଖି ତାର ଛଳ ଛଳ ହୋଇ ଗଲା ।

–ମା',ଏ ମା' ତୁ ଉତ୍ତର ଦେ ।ମୋତେ ଆଜି ପିଲା ଖେଳାଇଲେ ନାହିଁ ।ଦୂର ଦୂର କଲେ ।ବେଶ୍ୟାର ପୁଅ ବୋଲି ପାଖରେ ପୁରାଇଲେ ନାହିଁ ।

ସାରୀ ଆଖିରୁ ଟୋପା ଟୋପା ତତଲା ଲୁହ ନିଗାଡି ଆସିଲା ।ଜାକି ଆଣିଲା ତାକୁ କୋଳକୁ ।ସେ କିନ୍ତୁ ଖସି ଗଲା ତା' କୋଳରୁ । କୁହ ମା' ବେଶ୍ୟା ମାନେ କ'ଣ ? ଏହାର ଉତ୍ତର ସେ କ'ଣ ଦେବ ?ଉତ୍ତର କ'ଣ ଦେଇହୁଏ ?ହାରିଗଲା ସାରୀ ।ତା' ଜୀବନ ଧନ ଏବେ ତାକୁ ଘୃଣା କରିବାରେ ଲାଗିବ !କେମିତି ତାକୁ ବୁଝାଇବ ?

ମା' ଏ ମା' ଏତେ ସବୁ କଣ ଭାବୁଛୁ ?କାନି ଧରି ଦୋହଲାଇ ପକାଇଲା ସେ ।ହୁଗୁଳା ଖୁଣ୍ଟ ଟିଏ ପରି ସେ ଦୋହଲୁଥିଲା ।ବିଦ୍ୟୁତ ତରଙ୍ଗରେ ତା' ଦେହ ଯେମିତି ଝିମ ଝିମ ହୋଇ ଯାଉଛି ।କୋଳକୁ ଟାଣି ଆଣି ମୁଣ୍ଡ କୁ ଆଉଁଶି ଆଉଁଶି ସାରୀ କହିଲା ଧନରେ କାଲି ତୋତେ କହିବି । ରାତିରେ ଏକଥା କେହି କହନ୍ତିନି ।ସକାଳ ହେଲେ କହିବି ।

–ବିଦ୍ୟାରଣ ପକା ମା'କଲି ମୋତେ ନିଶ୍ଚୟ କହିବୁ । ବିଦ୍ୟାରଣ ମୋ ଧନ,ତୁ ସୋଇ ପଡ଼ ।

ସୋଇ ପଡିଲା ସେ ।ରାତି ସାରା,ସାରୀ ଗୋଟିଏ କଥା ଭାବୁଥିଲା, ତା' କଥା ,ତା' ଧନ କଥା ଏବଂ ତା'ମଣିଷ କଥା ।ସେଦିନ ସିନା ରାଗରେ ତାକୁ ତଡି ଦେଇଥିଲା ,ଆଜି କିନ୍ତୁ ଏ ମନ ତାକୁ ଖୋଜୁଛି ।ବଂଚିବାଟା ଯେତେ ସହଜ ଭାବୁଥିଲା ତାହା ଏତେ ସହଜ ନୁହେଁ ।ଏବେ ସେ ଠିକ ବୁଝୁଛି ଜୀବନରେ ସାଥୀଟିଏର କେତେ ଦରକାର ।କେହି କେବେ ସହଜରେ ବଞ୍ଚିନି କି ସମାଜ ତାକୁ ସହଜରେ ଛାଡ଼ିନି । ପାପ ପୁଣ୍ୟର ଉତ୍ତର ସମସ୍ତଙ୍କୁ ଦେବାକୁ ପଡିବ ।ହେଲେ ତା' ପାଇଁ ଏମିତି ଶାସ୍ତି କାହିଁକି ?ତା' ପାଇଁ ତା' ପିଲା ଭୋଗିବ କ'ଣ ପାଇଁ ? ସରଳ ନିଷ୍ପାପ କୁନି ପିଲାଟିଏ ମିଛ ମାୟା ,ଭଲ ମନ୍ଦ କଣ ଜାଣିନି ଅଥଚ ଦଣ୍ଡ ପାଇବ ।ଏ କି ନ୍ୟାୟ ,ହେ ଭଗବାନ ତାକୁ ତୁମେ ସହାୟ ହୁଅ ।ତା' ଓଠରୁ ହସ ଟିକିକ ଛଡାଅ ନାହିଁ ।ମୁଁ ପଛେ ତା' ପାଖରୁ ଦୁରେଇ ଯାଉଛି ।ହେ ମା ଜଗତ ଜନନୀ ମୋ ଆୟୁଷ କୁ ନେଇ ତାକୁ ଦେଇଦେ ।ସାରୀ ମନ ଭରି ତାକୁ କୋଳରେ ଜାକି ଧରିଲା,ପ୍ରାଣ ଭରି ତା'ମଥାରେ ଚୁମ୍ବନ ଦେଲା ।ପାଖ ବସ୍ତିରେ ଥିବା ତା' ଆପଣାର ମଣିଷ ରଘୁ ପାଖକୁ ଯାଇ କହିଲା କାଲି ସକାଳେ ତା' ଘରକୁ ଆସିବା ପାଇଁ ।ସବୁକୁ କ୍ଷମା କରିଦେଲି ଏବେ ଆସି ଘର ସମ୍ଭାଳ ।ଫେରି ଆସିଲା ସାରୀ ପୁଅ ପାଖକୁ ।ଶେଷ ଥର ପାଇଁ ତା ମୁଣ୍ଡରେ ହାତ ବୁଲାଇ ଦେଇ ସବୁଦିନ ପାଇଁ ତାଠୁ ଦୂରେଇଗଲା ।

ସକାଳ ହେଲା ।ଡେରିରେ ଉଠିଲା ରାଜା ।ମା' ମା' ଡାକ ଛାଡିଲା ।ମା' ଶୁଣୁଛି କେଉଁଠି । ମା'ତ ଉପରେ ଝୁଲୁଛି ।ହାତ ବଢ଼ାଇ ଆଖି ଖୋଲି ଅନାଇଛି ତା' ରାଜା କୁ କୋଳେଇ ନେବାକୁ।ମା' ମା' ଶବ୍ଦରେ ଘର ଫାଟି ପଡୁଛି ।ଜଣେ କେହି ତାକୁ କୋଳି ନେଲା ସେଇ ତାର ବାପା। ତାରି କୋଳରେ ମୁଂହ ଗୁଂଜି ସେ କଇଁ କଇଁ କାନ୍ଦି କହୁଛି ମା' ମୁଁ ଆଉ ପଚାରିବିନି ।ମୋର ସାଙ୍ଗ ଦରକାର ନାହିଁ ।ମୁଁ ତୋ ସାଙ୍ଗେ ଖେଳିବି,ତୁ ମୋର ସାଙ୍ଗ ,ମୁଁ ତୋର ରାଜା ତୁ ମୋର ରାଜା ମା' ।

## ଓଡିଆ ଓଡ଼ିଆ ଭାଷା

*ପ୍ରଶାନ୍ତ କୁମାର ନାଥ*



ଆମେରେ ଓଡିଆ ସବୁଠୁ ବଢିଆ
କିଏ ହେବ ଆମ ସରି
ଯା ହୃଦୟେ ପରା ରଖିଛି ସାଇତି
ଅସୀମ ସାହସ ଧରି ।
ମୋ କଳା ଭାସ୍କର୍ଯ୍ୟ ସବୁଠୁ ଉତ୍କୃଷ୍ଟ
ନାହିଁ ତା'ର ପଟାନ୍ତର
ମୋ ଭାଷା ସାହିତ୍ୟ ସବୁଠୁ ସୁନ୍ଦର
ସତେ କି ମଧୁର ଝର ।
ଜାତିର ପ୍ରାଣ ସେ ହୃଦୟ ସ୍ପନ୍ଦନ
ମୋର ଏ ଓଡ଼ିଆ ଭାଷା
ମଧୁରହାସିନୀ ଭାଷା କଲ୍‌ଲୋଳିନୀ
ମେଣ୍ଟାଏ ସଭିଙ୍କ ଆଶା ।
କେତେ ଯେ ବଇରୀ ସାଜି ଛନ୍ତି ଆସି
ମୋ ଭାଷା ହରଣ ପାଇଁ
ସେ ଦୁଷ୍ଟ ଅରାତି ହୋଇନି ସଫଳ
ମୋ ଭାଷାକୁ କେବେ ଛୁଇଁ ।
ପ୍ରସ୍ଫୁଟିତ ହୋଇ ଫୁଟିଛି ମୋ ଭାଷା
ବିଶ୍ୱ ଦରବାରରେ ଦେଖ
ମନେ ଆବିଳତା ଫେଇ ଦେଇ ସର୍ବ ?
ଆଗ ମାତୃଭାଷା ଶିଖ ।
ଓଡିଆ ବୋଲିଣ ମନେ ଗର୍ବ ବହି
ରଖିବା ଭାଷାର ମାନ
ସେ ଭାଷା ବୈଭବ ହୋଇଯିବ ଧନ୍ୟ
ଆମ ଉତ୍କଳ ଜୀବନ ।
ମାତୃଭୂମି ମାତୃ ଭାଷାର ମମତା
ରଖିବା ହୃଦୟେ ଭରି
ତେବ ସିନା ଆମେ ହୋଇବା ମହାନ

*ବିଶ୍ୱଦରବାର ବରି*
*( ଜୁଣଗଡି) ରାଜନଗର,କେନ୍ଦ୍ରାପଡ଼ା*

## ଅପ୍ରାସଙ୍ଗିକ

*ସୁଧାକର ରାଉତ*



ଆକାଶରେ ପାଦ ଥାପିବାର ନିଶା
ଅନ୍ଧାରରେ ଖୋଜିବାଟା ଖାଲି ଦିଶା ।
ଚାରିଆଡେ ଦିଶେ ଖାଲ ଆଉ ଢିପ
ଅଚିହ୍ନା ଭାବଟା ଦିଏ ମନେ ଚାପ
ଚିହ୍ନା ମାନେ ଆସି ଉଡାଅନ୍ତି ହଂସା
କାଠୁଆ ଶୀତେ ବି ତାତି ଯାଏ ମାଟି
ଅବିଶ୍ୱାସ ହସଇ ଦାନ୍ତ ନିକୁଟି
ସକାଳ ପ୍ରତ୍ୟୟ ସନ୍ଧ୍ୟାରେ ତାଣ୍ଡବ
ସମ୍ପର୍କ ଧରିଛି କ୍ରୋଧର ଗାଣ୍ଡିବ ।
ପ୍ରତାରଣା ବର୍ଷେ ? ସରଳ ବିଶ୍ୱାସେ
ହିଂସା ରକ୍ତପାତ ବହଇ ନିଃଶ୍ୱାସେ ।
ଯୁଝିଲା ବେଳକୁ ଉଡଇ ବୟସ
ଅପରାହ୍ନେ ମନ ଖୋଜଇ ଅୟସ ।
ମିଳନ୍ତା ଯେ ସବୁ ହାତ ପାପୁଲିରେ
ଏପରି ଭାବନା ମନେ ମନେ ଝୁରେ ।
ଏକାକାର ଏଠି ସରଗ ନରକ
ବିନା ଉପାଦାନେ ସୁଖର ମହକ
ପ୍ରଜାପତିଟା ବି ଭୁଲେ ତା ଉଡାଣ
ମନେ ମନେ ଭାବେ ସରବେ ପାଷାଣ ।
କ୍ଷମତା ଲୋଭରେ ସରବେ ଉନ୍ମାଦ
ଯୁଆଡେ ଚାହିଁଲେ ଦିଶେ ଅବସାଦ ।
ପାପ ଆଉ ପୁଣ୍ୟ ହାତେ ହାତ ଛନ୍ଦି
ମନ ମସ୍ତିଷ୍କକୁ କରିଥାନ୍ତି ବନ୍ଦୀ ।

*ପ୍ରତାପ ନଗରୀ, କଟକ*
*ମୋ–୮୨୪୯୯୩୨୭୯୨*

## ମୋ ସମୟ ବନ୍ଧା ପଡ଼ିଛି

*ଡକ୍ଟର ମନୋରନ ବିଷୋୟୀ*



ମୋ ନିର୍ଜନତାର
ଅପୂର୍ବ ସଂଗୀତ
ସମୟ ଗାଉଛି ।
କିଂ ମୋ ନୀରବତା
ସମୟଠୁ ହିଁ କିଛି ଶବ୍ଦ
ଉଧାର ମାଗିଛି ।
ମୋ ଅପମାନର ସମୟକୁ
ନିରୋଳା ଅଭିମାନରେ
ସଜାଇ ରଖିଛି ।
ଏବେ କିଂ ସମୟ
ମୋ ଜୀବନକୁ
ମେଘ ପରି ଢାଙ୍କି ରଖିଛି ।
ଆଉ ବେଳ ଅବେଳରେ
ଲୁହ ହୋଇ
ବର୍ଷା ପରି ଝରି ପଡୁଛି ।
ସେ ବର୍ଷାରେ
ମୋ ଇଚ୍ଛାର ପ୍ରବାହିତ ଧାରା
ସମୟର ବନ୍ଧୁର ଶଯ୍ୟାରେ
ବାରମ୍ବାର ମଥା ପିଟୁଛି ।
ମୋ ଜୀବନର ପ୍ରତିଟି ସମୟ
ଦେହ ଆଉ ମନ
ଏବେ ଫିକା ପଡ଼ି ସାରିଛି ।
ତଥାପି ମୋ ସ୍ୱପ୍ନ
ଅବୁଝା ବାଳୁତ ପରି
ସଫଳତା ପାଇବାକୁ
ସମୟ ପାଖରେ ହାତ ପାତିଛି ।

*ଦାମୋଦରପୁର, ଗଂଜାମ*
*ମୋ: ୮୮୯୫୧୪୧୭୨୭*

## କାଳିଆ ଦର୍ଶନ

*ପୂର୍ଣ୍ଣଚନ୍ଦ୍ର ବହଳୀ*



କରିବାକୁ କାଳିଆ ଦର୍ଶନ –
ପୁରୀଯିବାକୁ ଆଉ ହେଉନି ମନ
କଣ ବା ବାକି ଅଛି କରିବି ଦର୍ଶନ
ସେଇ ଚକାଡୋଳା ପାଖେ ଟିକେ କାମ
ପାପର ବୋଝକୁ ତାଙ୍କ ପାଖେ ଥୋଇ
ହେବ ଟିକେ ସମୁଦ୍ରର ଶୋଭା ଦର୍ଶନ
କିନ୍ତୁ ମୋର ସବୁ ପାପର ବୋଝ ଧରି
କେମିତି ଡାକିବି ତୋତେ
କ୍ଷମା କର ଜଗତର ନାଥ
ତୋତେ ଦେଖିବାକୁ ଇଚ୍ଛା ଥିଲେ
ମଧ୍ୟ ମନମୋର ବଳୁ ନାହିଁ ।
ଶୁଭିଲା ଶୂନ୍ୟରୁ ଶବଦ –
ଆରେ ଆସିଲାଣି ରଥ ଯାତରା
ଯିବୁନିକି ଦେଖି କଳା ଠାକୁର
ଶାଳନ୍ଦୀ ତଟରେ ବାଲୁକା ରାଶିରେ
କାହିଁକି ହୋଇଛୁ ଦଣ୍ଡାୟମାନ
ଆ ଅ ପାଖରେ ଦେଖୁବୁ ମୋ
କଳାବଦନ ।
ଏ ଅଦିନରେ ଶୀତରେ କେଉଁଠୁ –
ଆସିଲା ରଥଯାତରା
ପ୍ରଭୋ କଣ କପଟ କରୁଛନ୍ତି କି
ପୁଣି ଶୁଭିଲା ଆରେ କପଟ ନୁହେଁ
ତୁମେମାନେ କେହି କପଟୀ ନୁହେଁ
ପାପି ନୁହେଁ
ତୁମେ ମାନବ ତୁମେ ସର୍ବଶ୍ରେଷ୍ଠ
ମୁଁ ତ ନିମିତ୍ତ ମାତ୍ର ।
ଏବେ ମୋ ସିଂହାସନ ଟଳମଳ–
ହାତ ଗୋଡ଼ ମୋର ନାହିଁ
କହିପାରୁନାହିଁ ମନର କଥା
ତୁମ ମାନଙ୍କ ଭକ୍ତିରେ
ମୋର ଆଉ ନାହିଁ ନିସ୍ତାର
ମୋତେ କେହି କୋଳେଇ ନେବେନି
କି ମୁଣ୍ଡେଇ ନେବେନି
ବାଟେ ଘାଟେ ସବୁ ଦୁର୍ଗନ୍ଧରେ ଭରା
ବିନା ରଥରେ ଏ ଜାଡୁଆ ଶୀତରେ
ବୁଲିବି କିପରି ବାର ଦୁଆର ।
ପୁରୀ ନ ଗଲୁ ନାହିଁ ପଳାଇ ଆ
ସ୍ୱଚକ୍ଷୁରେ ଦେଖିବୁ କଳା ଠାକୁର
ଭାବିଲି ମୁଁ ପାପି ବୋଲି ବୋଧେ –
ଦେଖୁଛି ସ୍ୱପ୍ନ କ୍ଷଦୂରରୁ ପକାଇଲି ଜୁହାର ।
କ୍ଷମା କର ପ୍ରଭୋ
ମୁଁ ଏଇ ବାଲୁକା ରାଶିରେ
ଛିଡାହୋଇ ଶୂନ୍ୟକୁ ଦେଖିବି
ଆଲୋକ ଅନ୍ଧାରର ଲୁଚକାଳି
ଖେଳମଧ୍ୟରେ ତୋତେ ଅନୁଭବ କରିବି
ଲୁହ ଗଡ଼ାଇବି
ଜାଣିଗଲି ଏବେ ମୋ ଦୁଃଖ କିଛି ନୁହଁ
ମୋ ଦୁଃଖ ଠାରୁ ତୁମ ଦୁଃଖ ଅସୀମ
ତୁମେ ତ ଜଗତର ନାଥ
ଯାହାକୁ ସୃଷ୍ଟି କରିଛ
ଆଜି ତାଙ୍କ ପାଖେ ତୁମେ ଅନାଥ
ବୋଧେ ଆସୁଛି ବେଳ ହେବ ସଂହାର
ହେ ପ୍ରଭୋ ସଭିଙ୍କୁ କରନାହିଁ ଏକାକାର ।
ତୁମର ସୃଷ୍ଟିକୁ ତୁମେ ହି ରକ୍ଷା କର ।

*ଭଦ୍ରକ*

## ତାଙ୍କୁ ଲେଖି ପାରୁନାହିଁ କଳି

*ସୁରେନ୍ଦ୍ର ନାଥ ସାହୁ*



ଅବଧେ ଲାଗିଲା ମହା ଉତ୍ସବ
ଦେଶ ପାଳିଲା ଦୀପାବଳି
ଅଜସ୍ର ଆଖି ଅନେଇ ବସିଥିଲେ
ପ୍ରଭୁ କଥା ଭାଳି ଭାଳି ।
ଶାସକ ପକ୍ଷ ଖୁସିରେ ଆତ୍ମ ବିଭୋର
ତଥାପି ଚାଲିଥିଲେ ସମ୍ଭାଳି ।
ବିରୋଧି ଦଳ କିଛି ନେତା କଥା ତ ଅଲଗା
ବ୍ୟସ୍ତଥିଲେ ଲଗାଇବାରେ କଳି ।
ଏହାଦେଖି ବିଧର୍ମୀ ଷଡ଼ଯନ୍ତ୍ରକାରୀ
ମାରୁଥିଲେ ମନେ ମନେ ତାଳି ।
ତଥାକଥିତ କେତେ ବୁଦ୍ଧିଜୀବୀ
ବେତୁଣ୍ଡା ତର୍କ ବିତର୍କ କରି
ଛାତି ପିଟି ଛାଡୁଥିଲେ ଅନର୍ଗଳ ଗୁରାଳି ।
କିଏ ସନାତନୀ
ଆଉ ସନାତନକୁ ଦେଉଥିଲା ଗାଳି ତ
କିଏ ଜାତି ପାତିର ବିଷ
ବୀଜ ବୁଣି ବୁଲୁଥିଲା
ଏ ଗଳିରୁ ସେ ଗଳି ।
ହେଲେ ଏପଟେ
ଯେ ମାଟିର କଣ କଣର ଦେହରେ
ରାମ ଭକ୍ତି ଭାବ ରସାମୃତ ରଙ୍ଗ
ହେବାରେ ଲାଗିଥିଲା ବୋଳି ।
ସମୟର କ୍ଷଣ କ୍ଷଣ ସ୍ୱାଗତ
ସଙ୍ଗୀତ ଭଜୁଥିଲା
ସଜାଇ ନିଜ ସମର୍ପଣର
ସହାର୍ଦ୍ଦମୟ ପବିତ୍ର ପୂଜା ଥାଳି ।
ହୃଦୟ ହୃଦୟରେ ଉଦୟ ହେଉଥିଲା
ନବାଲୋକର ଛଇଳ ଛଟା
ପ୍ରତ୍ୟେକ ହାତ ଆତୁର ହେଉଥିଲା
ଜାଳିବ ବୋଲି ଅନନ୍ତ ଆସ୍ଥା ଦୀପାଳୀ ।
ଲୋମ ଲୋମରୁ ସ୍ଫୁରଣ ହେଉଥିଲା
ଗୌରବର ଶିହରଣ
ମନ ମନରେ ଆନନ୍ଦର ଲହଡ଼ି
ଖେଳୁଥିଲା ଉଚ୍ଛୁଳି ।
ଉଲ୍ଲସିତ ଜନ ଭୁବନରେ
ଉତ୍ସାହର ହୋମାଗ୍ନି ଆକାଶ ଛୁଇଁ
ଅଶୁଭ ଆଶଙ୍କାଗୁଡିକୁ ଦେଉଥିଲା ଜାଳି ।
ଆଉ ନିଜ ନିଜର ପାରିବା ପଣରେ
ମାନବବାଦୀ ମହାନୁଭବୀମାନେ
ରୋପଣ କରୁଥିଲେ ପ୍ରତ୍ୟେକଙ୍କ ମନ
ମସ୍ତିଷ୍କରେ
ରାମ ଗୁଣ ଗରିମାର ଆତ୍ମ ଅନୁଶାସିତ ଡଳି ।
ମର୍ତ୍ତ୍ୟ ପାତାଳ ଗଗନ ପବନ ଆଉ
ଦଶଦିଶ
ପ୍ରକମ୍ପିତ ହେଉଥିଲା ରାମ ନାମ ସୁରରେ
ଶୁଭୁଥିଲା ସଭିଙ୍କ ଶ୍ରୀ ତୁଣ୍ଡରୁ
ଅତି ସୁନ୍ଦର ରାମ କଥା ଭେଳିକି ଭେଳି ।
ତାଙ୍କ ନାମର ମହିମାଏତେ ବିରାଟ ଯେ
ମୁଁ ତାଙ୍କୁ ଲେଖି ପାରୁ ନାହିଁ କଳି ।

*କଳମ୍ବ (ଡିହସାହି)ପୋଲସରା*
*ଗଞ୍ଜାମ*
*ମୋ.ନଂ:–୮୧୨୮୯୧୨୫୬*

## ଅଭିଳାଷା

*ରଶ୍ନକାନ୍ତି ମିଶ୍ର*



ସଞ୍ଜ ବୁଡୁ ବୁଡୁ ଗାଆଁଟା ମୋହର
ଛାଇ ଛାଇ ପଛେ ଦିଶୁ
ନଡ଼ିଆ ଗଛର ପତର ଫାଙ୍କରୁ
ଜହ୍ନ ମୁହଁ କାଢି ହସୁ ॥
ରାତ୍ରି ଘନେଇଲେ ଗାଆଁକୁ ମୋ ପଛେ
ନୀରବତା ଛାଇ ଯାଉ
ଯୁଇ ଯାଇ ହେନା ଶେଫାଳି ବାସ୍ନାରେ
ଗାଆଁ ସୁରଭିତ ହେଉ ॥
ନଡା ଛାଉଣୀର ମଥାନେ ମୌସୁମୀ
ବରଷା ପଛକେ ଢାଳୁ
ନୂଆ ପାଣି ପାଇ ମୋ ଗାଁ ନଈରେ
ଖୁସିର ଭଉଁରୀ ଖେଳୁ ॥
ଧାନ କ୍ଷେତେ ପଶି ଝିଣ୍ଟିକା ପଛେ
କ୍ଷୀର ତୋକା ଶିଶା ଖାଉ
ଧନଧାନ୍ୟରେ ଭରୁ ମୋ' ଗାଆଁ
ସବୁରି ମଙ୍ଗଳ ହେଉ ॥
ବଇଶାଖୀ ଖରା ପେଣ୍ଡୁ ହୋଇ ପଛେ
ମୋ ଗାଁ ରାସ୍ତାରେ ଗଡୁ
ଗୋଧୂଳି ପହରେ ଶୀତଳ ପବନ
ବହିଆସୁ ନଈ ଆଡୁ ॥
କାଳ ବୈଶାଖୀ ଗାଁ କୁ ମୋ ଆସି
ତାଣ୍ଡବ ପଛେ ରଚୁ
ଗ୍ରାମ ଦେବତୀଙ୍କ ଅପାର ଦୟାରୁ
ଅଚିରେ ଦୁରଦ୍ଦଶା ଘୁଞ୍ଚୁ ॥
ଜନମ ନେଇ ମୁଁ ଯେଉଁ ଗାଁ କୋଳେ
କଟାଇଛି ପିଲାଦିନ
ଅଭିଳାଷା ମୋର ସେ ଗାଁ ମାଟିରେ
ଶେଷେ ହୋଇଯାଏ ଲୀନ ॥

*ଆଳି, କେନ୍ଦ୍ରାପଡା*

## କୁନି କଣ୍ଢେଇ

*ଜ୍ୟୋସ୍ନା ମଲ୍ଲିକ*

ଉଦାସୀ ମନ ମୋ ଖୋଜୁଥିଲା ନିତି
ତୋର କୁଆଁ କୁଆଁ ରାବ,
ଭାବିଥିଲି ବେଗି ଆସିଗଲେ ତୁହି
କରିବି ତୋ ସାଥେ ଭାବ ।
ମଗୁଶୁର ଗୁରୁବାର
ସବୁ ପ୍ରତୀକ୍ଷାର ସମାପ୍ତି ଘଟିଲା
ଶାନ୍ତି ଲଭିଲି ଅପାର।
ତୋର ମିଠା ହସ କୋମଳ ରୂପ ଯେ
କିଣିନେଇଛି ମୋ ମନ,
ଯୁଆଡେ ଚାହିଁଲେ ଦିଶୁଛି ତୋ ମୁହଁ
ସତେକି ପୁନେଇ ଜହ୍ନ ।
ତୋତେ ରେ ଦେଖିବା ପାଇଁ
ଅନେଇ ବସିଛି ବହୁଦିନ ହେଲା
ଆଉ କିଛି ଲୋଡ଼ା ନାହିଁ ।
ଅଜା ଆଇଙ୍କର ନୟନ ପ୍ରତିମା
ବାପାର ହୃଦୟ ମୋତି,
ମାମୁଁ ମାଇଁଙ୍କର ଗଳାର ମାଳାଟି
ଜେଜେଙ୍କ ସାଇତା ଗୀତି ।
କୁନି କଣ୍ଢେଇର ଛୁଆଁ
ପାଇଲେ ଟିକିଏ ଶାନ୍ତ ହେବ ମୋର
ମନ ତଳେ ଜଳା ନିଆଁ।

*କୋଅପରେଟିଭ କଲୋନୀ*
*ଚନ୍ଦ୍ରଶେଖରପୁର,ଭୁବନେଶ୍ୱର*




# 'ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର...'

ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।' ଯାହାଙ୍କଠାରୁ ଆମେ ଜନ୍ମ ନେଇଛନ୍ତି, ଯିଏ ଆମର ସୃଷ୍ଟିକର୍ତ୍ତା, ଯାହାଙ୍କ ଆଶୀର୍ବାଦରୁ ଆମେ ଏଡ଼ିକିଟିଏରୁ ଏତୁଟିଏ ହେଇଛୁ, ଯିଏ ଆମ ପାଇଁ ପ୍ରତ୍ୟକ୍ଷ ଦେବତା; ସିଏ ହେଉଛନ୍ତି ଆମର ପିତାମାତା। ଏଣୁ - 'ପିତା ନାହିଁ ଯାହାର ସାହା ନାହିଁ ତାର, ପିତା ମାତା ସବୁ କିଛି ପିତାମାତା ପାଦ ଯେ ଜନ ସେବିଛି, ସେହୁଟି ସର୍ବ ଲଭିଛି।' ବାସ୍ତବରେ ପିତାମାତା ହେଉଛନ୍ତି ଆମର ପ୍ରତ୍ୟକ୍ଷ ଦେବତା। ତାଙ୍କର ବାର୍ଦ୍ଧକ୍ୟ ସମୟରେ ତାଙ୍କୁ ହତାଦର କରିବା ବା ଅବମାନନା କରିବା ଅନୁଚିତ। କେବଳ ଯେ ପିତାମାତା ତାହା ନୁହଁନ୍ତି; ସମସ୍ତ ବୟସ୍କ ଆମର ଅଗ୍ରପୂଜ୍ୟ। ସେମାନଙ୍କୁ କୁହାଯାଏ ଶ୍ରେଷ୍ଠ ମାନବ। 'ମା' ଅର୍ଥ ସୃଷ୍ଟି, 'ନବ' ଅର୍ଥ ନୂଆ। ଯାହାଙ୍କ ଠାରୁ ଆମେ ନୂଆ ପ୍ରେରଣା ପାଇଥାଉ। ତେଣୁ ସେ ହେଉଛନ୍ତି ଆମର ସବୁକିଛି। ଆଜିର ଭୋଗସର୍ବସ୍ୱ ସମୟର ମୁହୂର୍ତ୍ତରେ ଆମ୍ଭେମାନେ ପ୍ରାୟତଃ ନିଜ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପଛେଇ ଦେଉଛେ ନିଜ ପିତାମାତାଙ୍କ ସେବାଯତ୍ନକୁ। ଯେଉଁମାନଙ୍କ ଇଚ୍ଛା ଓ ସଂକଳ୍ପର ଫଳସ୍ୱରୂପ ଆମ୍ଭେମାନେ ଆଜି ଏ ଦୁନିଆର ଆଲୋକ ଦେଖିବାକୁ ସମର୍ଥ ହୋଇଛୁ, ଏ ସୁନ୍ଦର ଶରୀର ପାଇଛୁ ଆଉ ପ୍ରତିଟି ମୁହୂର୍ତ୍ତରେ ମାନବୀୟ ମୂଲ୍ୟବୋଧକୁ ଅନୁଭବ କରିଛୁ, କିନ୍ତୁ ସେହିମାନଙ୍କ ଅତୁଳନୀୟ ଓ ଅକଳ୍ପନୀୟ ପ୍ରତିଦାନକୁ ଆମେ ପ୍ରତି ମୁହୂର୍ତ୍ତରେ ଭୁଲିଯାଉଛେ ସତେଯେପରି। ନିକଟରେ କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର କାଗଜର ତଥ୍ୟ ଅନୁଯାୟୀ କେବଳ ଭାରତରେ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପିତାମାତାଙ୍କ ପ୍ରତି ନିର୍ଯାତନା ଦେଉଥିବାର ହତଭାଗା ପୁଅ ମାନଙ୍କର କୁକୀର୍ତ୍ତିର ଖବର ପୃଷ୍ଠା ମଣ୍ଡନ କରୁଛି ଯାହାକି ନିଶ୍ଚିନ୍ତ ଭାବରେ ଆମମାନଙ୍କ ମାନବିକତାକୁ ଏକ ଧିକ୍କାର୍। ଏହା ସତ୍ତ୍ୱେ ଆମ୍ଭମାନଙ୍କ ପରି ନିଜକୁ ବ୍ରହ୍ମଜ୍ଞାନୀ ବିଚାର କରୁଥିବା ବୁଦ୍ଧିମାନ ବ୍ୟକ୍ତିମାନେ ଯେ କିପରି ନିଜ ସୁଖ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆମର ଜୀବନ୍ତ ଈଶ୍ୱରମାନଙ୍କୁ ହତାଦାର କରୁଛେ ତାହା ଆମ ସମାଜର ଆଇନାରେ ସୁସ୍ପଷ୍ଟ।

ଭାରତର ଶାସ୍ତ୍ର ଓ ପୁରାଣରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଯେଉଁ ପିଲାମାନେ ନିଜ ବାପାମାଆଙ୍କ ସେବା କରିଥାନ୍ତି ସେମାନେ ସ୍ୱର୍ଗସୁଖର ପୁଣ୍ୟ ପାଇଥାନ୍ତି। କିନ୍ତୁ ଆମ୍ଭେମାନେ ତାକୁ ହେୟଜ୍ଞାନ କରୁଛୁ। ଭାରତରେ ପିତାମାନଙ୍କ ଭରଣପୋଷଣ ହେଉ ବା ସେମାନଙ୍କୁ କୌଣସି ଯନ୍ତ୍ରଣା ବା କଷ୍ଟ ନ ଦେବା ପାଇଁ ବିଭିନ୍ନ ଆଇନରେ ନିର୍ଦ୍ଦେଶନାମା ସ୍ପଷ୍ଟ ଉଲ୍ଲେଖ ରହିଛି। ତାହାସତ୍ତ୍ୱେ ଅଧିକାଂଶ କ୍ଷେତ୍ରରେ ନିର୍ଯାତିତ ହେଉଥିବା ପିତାମାତା-ମାନେ ନିଜ ପିଲାମାନଙ୍କର ଏପରି କ୍ରୁର ବ୍ୟବହାର ଓ ନିର୍ଯାତନା ପାଇ ମଧ୍ୟ ସେମାନଙ୍କ ଭଲ କାମନା କରି କୌଣସି ଅଭିଯୋଗ କରିବାକୁ ଆଗେଇ ଆସିନଥାନ୍ତି। ଏଠାରେ ଏକ ସତ୍ୟ ଘଟଣା ଉପରେ ଆଧାରିତ ଉଦାହରଣଟିଏ ଦେଉଛୁ। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳ ଗାଡ଼କଣରେ ବାସନ୍ତୀ ଆଚାର୍ଯ୍ୟ ରୁହନ୍ତି। ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ ଓ ସାବତ ପୁଅ ସତ୍ୟଜିତ ଓ ବୋହୂ ରୀତା ଆଚାର୍ଯ୍ୟ, ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଅକ୍ତିଆର କଲେ। ଇଏ ହେଉଛନ୍ତି ସେହି ସତ୍ୟଜିତ ଯାହାଙ୍କୁ ମଣିଷ କରି ଗଢ଼ି ତୋଳିବା ପାଇଁ ବାସନ୍ତୀ ଦେବୀ ନିଜ ଜୀବନର ମୂଲ୍ୟବାନ ସମୟ ଉତ୍ସର୍ଗ କରିଛନ୍ତି। ଦୁର୍ଭାଗ୍ୟର କଥା ସତ୍ୟଜିତ ଓ ରୀତା ଆଚାର୍ଯ୍ୟ ତାଙ୍କୁ ମାଡ଼ ମାରିବା ସହ ପିଠିରେ ବିଷାକ୍ତ ଛୁଞ୍ଚ ଫୋଡ଼ିଛନ୍ତି। ତେଣୁ ଏଇଠି ଜଣେ ଅନୁଭବ କରନ୍ତୁ ପ୍ରକୃତରେ ମଣିଷ ସନ୍ତାନସନ୍ତତି କାହିଁକି ଜନ୍ମ କରିଥାନ୍ତି? କ'ଣ ପରିଣତ ବୟସରେ ଆହୁରି ଲୁହ ଓ ଲହୁ ପିଇବା ପାଇଁ?

ଆମ୍ଭେମାନେ ଭୁଲି ଯାଉଛେ ଯେ, ଆମେ ଆମ ପରିବାର ଓ ସମାଜ ପାଇଁ ବୋଝ ଭାବୁଥିବା ଆମ ପିତାମାତାଙ୍କ ପ୍ରତି ଆମେ ଯେଉଁପରି ବ୍ୟବହାର ଦେଖାଉଛେ ଠିକ୍ ସେହିପରି ବ୍ୟବହାର ଯେତେବେଳେ ଆମ୍ଭେମାନେ ପରିଣତ ବୟସରେ ଆମ ପିଲାମାନଙ୍କଠାରୁ ପାଇବା ତାହା ଆମ ମାନଙ୍କ ପାଇଁ କିପରି ସହିବାର ଶକ୍ତି ରଖିବ? କେତେକ କ୍ଷେତ୍ରରେ ଦେଖାଯାଇଥାଏ ଯେ, ସମାଜରେ ବୟସ୍କ ନାଗରିକ ମାନଙ୍କ ପାଇଁ ବିଭିନ୍ନ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଓ ସହାୟତାର ବ୍ୟବସ୍ଥା ଥିଲେ ମଧ୍ୟ ଏହା କିଛି କ୍ଷେତ୍ରରେ କାଗଜ କଲମରେ ବନ୍ଧା ଆଇନ ପରି ଲାଗୁଛି ଆଉ କେତେକ କ୍ଷେତ୍ରରେ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଥିବାରୁ ଏହି ଆଇନର କୌଣସି ମୂଲ୍ୟ ରହୁନାହିଁ। ଆପଣମାନେ ଅଧିକାଂଶ କ୍ଷେତ୍ରରେ ଦେଖିଥିବେ ଯାତ୍ରା କରୁଥିବା କୌଣସି ବସ୍‌ରେ ବୟସ୍କ ନାଗରିକଙ୍କ ପାଇଁ ସଂରକ୍ଷଣ ଥିବା ସିଟ୍‌ରେ ଯୁବକମାନେ ବସିଥିବେ କିନ୍ତୁ ନିଜ ଭାଗ୍ୟକୁ ଆଦରି ବରଂ ନୀରବ ରହି ଛିଡ଼ା ହୋଇ କଷ୍ଟର ସହିତ ଯାତ୍ରା କରୁଥିବେ ସେହି ବସ୍‌ରେ ପରିଣତ ବୟସର ନାଗରିକମାନେ। ଏ କ୍ଷେତ୍ରରେ ବିବେକର ଆହ୍ୱାନ କ'ଣ ଆମ୍ଭେମାନେ ସମସ୍ତଙ୍କୁ କାନରେ କହିବାକୁ ପଡ଼ିବ? ଶିଶୁଟିଏ ଜନ୍ମ ହେଲା ଠାରୁ କଥା କହିବା ପର୍ଯ୍ୟନ୍ତ ତା' ପାଇଁ ପିତାମାତା ଅନେକ କିଛି କରିଥାଆନ୍ତି। ଅନେକ କିଛି ଦୁଃଖ ସହିଥାଆନ୍ତି। ସେମାନଙ୍କର କୌଣସି ଆଶା ନଥାଏ। ପ୍ରତ୍ୟେକ ସନ୍ତାନ ସେମାନଙ୍କର ବୃଦ୍ଧତ୍ୱ ସମୟରେ ତାଙ୍କ ସେବା କରିବା ଶ୍ରେଷ୍ଠ କର୍ତ୍ତବ୍ୟ।

## ଚାଷୀଙ୍କ ବ୍ୟାଙ୍କ ଖାତାକୁ କେବେ ବୀମା କ୍ଷତିପୂରଣ ଏବଂ ଇନପୁଟ ସବସିଡି ଟଙ୍କା ଯିବ?

ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୧୨ଟି ଜିଲା ରେ କୃଷକମାନଙ୍କର ମରୁଡ଼ି ଜନୀତ ଫସଲହାନୀ ଘଟିଥିଲା। ରାଜ୍ୟ ସରକାରଙ୍କର ପ୍ରଦତ ନିୟମ ଅନୁସାରେ କୃଷକମାନଙ୍କୁ ୨୦୨୪ ଖରିଫ ଋତୁର ଦୁଇମାସ ଭିତରେ କ୍ଷତିପୂରଣ ଭରଣ କରାଯିବା କଥା। କ୍ଷୟକ୍ଷତି ଆକଳନ ହୋଇସାରିଲା ପରେ ମଧ୍ୟ ରାଜ୍ୟ ସରକାର କ୍ଷୟକ୍ଷତିର ଇନ୍‌ପୁଟ ସବସିଡ୍ ବର୍ଷ ବର୍ଷ ଧରି ଦେଲେ ନାହିଁ ଏବଂ ଠିକ୍ ପଦ୍ମପୁର ଉପନିର୍ବାଚନର ତାରିଖ ଘୋଷଣା ହେବାପରେ ନବୀନ ସରକାର ୨୦୦ କୋଟି ଟଙ୍କାର ଇନପୁଟ ସବସିଡି ଘୋଷଣା କରିବା ଏହା ତାଙ୍କର କୃଷକମାନଙ୍କ ପ୍ରତି କେତେ ଦରଦ ଓ ସହାନୁଭୂତି ଅଛି ତାହା ସ୍ପଷ୍ଟ ଅନୁମେୟ। ପଦ୍ମପୁରର କୃଷକମାନେ ଦୀର୍ଘ ୧୪ମାସ ଧରି ତାଙ୍କର କ୍ଷୟକ୍ଷତିର ଭରଣା ପାଇଁ ଏବଂ ପ୍ରାପ୍ୟ ବୀମା ରାଶି ପାଇବାପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ଏ କଥାକୁ ରାଜ୍ୟ ସରକାର ଭଲଭାବରେ ଜାଣିଛନ୍ତି। କୃଷକମାନଙ୍କ ପାଖରୁ ସମସ୍ତ ଧାନ କିଣିବା ପରିବର୍ତ୍ତେ ମାତ୍ର ନିର୍ଦ୍ଧାରିତ କ୍ୟୁଂଟାଲ କିଣାଯାଉଛି। ଫଳରେ କୃଷକମାନେ ଉପଯୁକ୍ତ ପ୍ରାପ୍ୟ ପାଉନାହାଁନ୍ତି ଏକଥା ତ ଉଭୟଙ୍କୁ ଜଣା।

# ଖାଉଟି ସୁରକ୍ଷା ଆଇନର ଗତି କୁଆଡେ?

ଉପଭୋକ୍ତା ବା ଖାଉଟିର ସୁରକ୍ଷା ପାଇଁ ୧୯୮୬ ମସିହାରେ କେନ୍ଦ୍ର ସରକାର ଏକ ଐତିହାସିକ ଆଇନର ବ୍ୟବସ୍ଥା କରିଥିଲେ, ଯାହାକି ସେତେବେଳେ ସାରା ଦେଶରେ ଗ୍ରାହକମାନେ ଶୋଷଣର ଶୀକାରରୁ ନିଜକୁ ଦୂରେଇ ରଖିବା ସହ ନିଜ ଅଧିକାରକୁ ଜାହିର କରିପାରିଥିଲେ। କୌଣସି ବ୍ୟବସାୟୀ ଆପଣଉ ଥିବା ଅସାଧୁ କାରବାରରୁ ନିବୃତ ହେବାକୁ ବାଧ୍ୟ ହେଉଥିଲା। ଖାଉଟିମାନଙ୍କୁ ଉଚିତ ଅଧିକାର ଦେବାରେ ଏ ଆଇନ ସହାୟକ ହୋଇ ବହୁ ଅସାଧୁ ବ୍ୟବସାୟୀଙ୍କୁ ଆଇନ ପରିସରକୁ ଟାଣି ଆଣି ଦଣ୍ଡିତ କରିଛି। ଆଇନକୁ ସରଳ ଓ ସାବଲିଳ କରିବା ପାଇଁ ସେତେବେଳେ ବହୁ କସରତ କରି ଆଇନ ବିଶାରଦମାନେ କିଭଳି ଖାଉଟି ବିନା ଖର୍ଚ୍ଚରେ ଅତି କମ୍ ସମୟରେ ସୁଫଳ ପାଇ ପାରିବ ସେଥିପାଇଁ ସତତ ଚେଷ୍ଟା ଆଇନ ଜରିଆରେ ବ୍ୟବସ୍ଥା କରିଥିଲେ। ଖାଉଟି ସୁରକ୍ଷା ଆଇନ ମାଧ୍ୟମରେ ଖାଉଟିମାନଙ୍କର ଅନେକ ଗୁଡିଏ ବିବାଦକୁ ସମାଧାନ କରିବା ପାଇଁ ବହୁ ବ୍ୟବସ୍ଥା କରାଯିବା ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ଖାଉଟିମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ତିନିମାସ ସମୟ ଧାର୍ଯ୍ୟ କରାଯାଇଥିଲା, ଏବଂ ଅଧିକ ଅନୁସଂଧାନର ଆବଶ୍ୟକତା ଥିଲେ ଅଭିଯୋଗ ଶୁଣାଣି ୫ମାସ ମଧ୍ୟରେ ଶେଷ କରାଯିବ। କିନ୍ତୁ ପ୍ରାୟ ୩୫ ବର୍ଷ ପରେ ଆଜି ଉପରୋକ୍ତ ଆଇନ ମୂଲ୍ୟହୀନ ହୋଇ ଯାଇଛି। ତ୍ୱରିତ ସେବା ପ୍ରଦାନ ପରିବର୍ତ୍ତେ ଆଜି ବର୍ଷ ବର୍ଷ ଧରି ଅଭିଯୋଗଗୁଡିକ ପଡି ରହୁଛି। ଯାଦୁଆ ଯାଦୁ ମଲମ ବିକ୍ରି କଲା ଭଳି ଖାଉଟି ବିଭାଗ ହାତରେ ଖାଉଟିମାନଙ୍କର ସୁରକ୍ଷାର ଦାୟିତ୍ୱ ଦିଆଯାଇଥିଲା। ଫଳରେ ଖାଉଟିମାନଙ୍କର ସ୍ୱାର୍ଥ ଆଗରେ ଅସାଧୁ ଅଧିକାରୀମାନଙ୍କର ଅଧିକାର ବନ୍ଧା ପଡିଗଲା। ଖାଉଟି ବିଭାଗ ଅଧିକାରୀ ଓ ଅସାଧୁ ବ୍ୟବସାୟୀଙ୍କ ମଧୁ ଚନ୍ଦ୍ରିକା ଆଇନକୁ ଦିଗହରା କରି ଦେଲା। ଆଇନକୁ ଲୋକାଭିମୁଖୀ କରିବା ପାଇଁ ବାରମ୍ବାର ସଂଶୋଧନ କରାଯାଇ ପରିବର୍ତନ କରାଗଲା। ସାଧାରଣ ଜନତାକୁ ସୁବିଧା ଦେବା ନାଆଁରେ ଆଇନର ପ୍ରତିଟି ଅଙ୍ଗକୁ ଛେଦନ କରାଗଲା। ବିଚାର ପ୍ରକ୍ରିୟାକୁ ଦୃଢିଭୂତ କରିବା ପରିବର୍ତ୍ତେ ନିଯୁକ୍ତି ନାଆଁରେ ଅଯଥା ସମୟ ନେଲେ। ଫଳରେ ନ୍ୟାୟ ପାଇଁ ଚାହିଁ ରହିଥିବା ଗ୍ରାହକଟି ଆହୁରି ହିନସ୍ତା ହେଲା। ଖାଉଟି ଅସାଧୁ ବ୍ୟବସାୟୀଠାରୁ ଯେତିକି କ୍ଷତିଗ୍ରସ୍ତ ହୋଇନାହିଁ, ତାଠାରୁ ଅଧିକ ମାନସୀକ ଓ ଶାରିରୀକ ନିର୍ଯ୍ୟାତନା ଭୋଗିଲା। ଅଯଥା ଅଭିଯୋଗ ଗୁଡିକର ବିଚାର ବର୍ଷ ବର୍ଷ ଧରି ପଡି ରହିଲା। ବିଚାର ପ୍ରକ୍ରିୟାର ମୂଖ୍ୟ ଅଙ୍ଗ ବିଚାର ବିଭାଗ ହାତକୁ ନ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ ଦ୍ୱାରା ଆଜି ଅବହେଳିତ ହୋଇ ରହି ଯାଇଛି।

ଖାଉଟି ସୁରକ୍ଷା ଆଇନ ୧୯୮୬ରେ ଅଭିଯୋଗଗୁଡିକୁ ବିଚାର ପାଇଁ ପ୍ରଥମେ ଜିଲ୍ଲା ସ୍ତରରେ ପ୍ରତ୍ୟେକ ଜିଲ୍ଲାପାଇଁ ବିଚାରାଳୟ ଓ ସମଗ୍ର ରାଜ୍ୟପାଇଁ ରାଜ୍ୟ ଆୟୋଗର ବ୍ୟବସ୍ଥା ରହିଥିଲା। ଆଇନ ଅନୁଯାୟୀ ଜିଲ୍ଲା ଜଜ୍‌ଙ୍କୁ ଜିଲ୍ଲା ବିଚାରାଳୟର ଅଧ୍ୟକ୍ଷ ଓ ଅପରପକ୍ଷରେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଜଣେ ମାନ୍ୟବର ବିଚାରପତିଙ୍କୁ ରାଜ୍ୟ ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବାର ବ୍ୟବସ୍ଥା ଥିଲା। ଫଳରେ ଖାଉଟି ତାର ଅଭିଯୋଗର ଉଚିତ ନ୍ୟାୟ ଠିକ ସମୟରେ ପାଇପାରୁଥିଲା। ପରବର୍ତି ସମୟରେ ଖାଉଟି ମାନଙ୍କର ସଚେତନତା ଯୋଗୁଁ କ୍ରମେ ଅଭିଯୋଗ ବଢିବା ସହ ଏଥିପାଇଁ ସ୍ୱତନ୍ତ୍ର ବିଚାରପତି ନିଯୁକ୍ତିର ଆବଶ୍ୟକତା ରହିଲା ଓ ପରବର୍ତି ମୁହୁର୍ତରେ ତାହାହିଁ ହେଲା ନୂତନ ସଭାପତି ନିଯୁକ୍ତି ପ୍ରକ୍ରିୟା ଖାଉଟି ବିଭାଗ ହାତରେ ରହିଲା ଓ ଖାଉଟି ବିଭାଗ ନିଯୁକ୍ତି ପ୍ରକ୍ରିୟାକୁ ଜାଣିଶୁଣି କାଳକ୍ଷେପଣ ନୀତି ଆପଣେଇ ବର୍ଷ ବର୍ଷ ଧରି ଅଧ୍ୟକ୍ଷ ନିଯୁକ୍ତି ନ କରାଯାଇ ପଦବୀକୁ ଖାଲି ରଖାଗଲା। ଫଳରେ ଅଭିଯୋଗଗୁଡିକର ବିଚାର ହୋଇ ନ ପାରି ପଡି ରହିଲା ଓ ଖାଉଟିମାନେ ଏ ପ୍ରକ୍ରିୟାକୁ ପ୍ରହସନ ଭାବି ଏବେ ଏ ଆଇନଠାରୁ ନିଜକୁ ଦୂରେଇ ରଖିବାକୁ ବାଧ୍ୟ ହେଉଛନ୍ତି। ଅଭିଯୋଗକାରୀ ଅଭିଯୋଗ ଦାଖଲ ବେଳେ କୌଣସି ଦେୟ ବା କୋର୍ଟ ଫି ଅଭିଯୋଗ ପତ୍ର ସହ ନ ଦେବାକୁ ଆଇନରେ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ଥିଲା, ଯାହାକି ଏ ଆଇନର ଏହା ମୂଳ ଉଦ୍ଦେଶ୍ୟ ହୋଇ ରହିଥିଲା। କିନ୍ତୁ ସରକାର ଅଭିଯୋଗପତ୍ର ସହ ଜିଲ୍ଲା ସ୍ତରରେ ସର୍ବନିମ୍ନ ୧୦୦ଟଙ୍କାରୁ ଆରମ୍ଭ କରି ଅଧିକ ଫିସ ଦେୟର ବ୍ୟବସ୍ଥା କରି ଉଦ୍ଦେଶ୍ୟଠାରୁ ସଂପୂର୍ଣ୍ଣ ଦୂରେଇ ଯାଇଛନ୍ତି। ସେହିଭଳି ରାଜ୍ୟ ଆୟୋଗ ଓ ଜାତୀୟ ଆୟୋଗରେ ମଧ୍ୟ ଅଭିଯୋଗ କରିବାକୁ ହେଲେ ଅନୁରୂପ ଫିସ୍‌ର ବ୍ୟବସ୍ଥା ରହିଛି। ଅଭିଯୋଗକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଯେକୌଣସି ବ୍ୟକ୍ତି ଅଭିଯୋଗ ଦାଖଲ କରି ପାରିବା ସହ ଜିଲ୍ଲାସ୍ତରୀୟ ବିଚାରାଳୟ ବା ରାଜ୍ୟ ଆୟୋଗଙ୍କ ଇଜିଲାସରେ ଡାକ ଯୋଗେ ଆସିଥିବା ଅଭିଯୋଗପତ୍ର ଗ୍ରହଣ କରାଯିବାର ବ୍ୟବସ୍ଥାକୁ ଏ ଜରିଆରେ ବନ୍ଦ କରି ଦେଇଛନ୍ତି। ଖାଉଟି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଏକ ସାଧାରଣ ଘୋଷଣାନାମା ଦେବାର ପ୍ରଥମେ ବ୍ୟବସ୍ଥା ଥିବା ବେଳେ ବର୍ତମାନ ଆଫିଡେଭିଟ ପ୍ରଦାନ କରିବା ଭଳି ଅଜବ ନିର୍ଦ୍ଦେଶ ପ୍ରଦାନ ଫଳରେ ଖାଉଟି ଏଥିରୁ କୌଣସି ସୁଫଳ ପାଇପାରୁନାହିଁ। ଦେଓ୍ୱାନୀ ଅଦାଲତରେ ମାମଲାର ଅହେତୁକ ବିଳମ୍ବ ଓ କୋର୍ଟ ଫି'ରୁ ଖାଉଟିକୁ ମୁକ୍ତ ରଖିବାର ମୂଳ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଗଢା ଯାଇଥିବା ଖାଉଟି ସୁରକ୍ଷା ଆଇନ କ୍ରମେ ସାଧାରଣ ଖାଉଟିଙ୍କଠାରୁ ଦୂରେଇ ଗଲା ଭଳି ପ୍ରତୀୟମାନ ହେଉଛି। ଆଜି ଗଣମାଧ୍ୟମରେ ପ୍ରଚାର ସର୍ବସ୍ୱ ଭାବେ ଗ୍ରହଣ କରିଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜାଗୋ ଗ୍ରାହକର ଏକ ଶସ୍ତା ସ୍ଲୋଗାନ ଦେଇ ଚାଲିଥିବା ବେଳେ ଖାଉଟି ସୁରକ୍ଷା ଆଇନ ୧୯୮୬ ମୂଲ୍ୟହୀନ ହେବାକୁ ଯାଉଛି, ଏ ବିଷୟରେ କାହାର ବି ଧ୍ୟାନ ନାହିଁ। ଖାଉଟି ଆଜି ବି ନିଜର ଅଧିକାର ପାଇବା ପାଇଁ ସନ୍ଦିହାନ। ଖାଉଟି ଆଜି ବି ନିଜର ଜୀବନ ଓ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରୁଥିବା ଯେକୌଣସି ଉତ୍ପାଦନ ବସ୍ତୁ, ଉତ୍ପାଦନ ପ୍ରକ୍ରିୟା ଓ ସେବାମୂଳକ ଅନୁଷ୍ଠାନ ବିରୁଦ୍ଧରେ ସ୍ୱର ଉତୋଳନ କରିବାରେ ଅସମର୍ଥ। ଉପଭୋକ୍ତାକୁ ଠକାମୀ କିମ୍ବା ବିଜ୍ଞାପନ ବା ଲେବୁଲ୍ ମାଧ୍ୟମରେ ପ୍ରଲୁବ୍ଧ କରୁଥିବା ପଦ୍ଧତିରେ ପ୍ରଭାବିତ ନ ହୋଇ ଦ୍ରବ୍ୟର ପରିମାଣ, ଗୁଣ, ସାମର୍ଥ୍ୟ, ବିଶୁଦ୍ଧତା, ଓଜନ ଓ ମୂଲ୍ୟ ଆଦିର ସଠିକ ବିବରଣୀ ଜାଣିବାରେ ଅସମର୍ଥ, ଏକଚାଟିଆ ବ୍ୟବସାୟୀଙ୍କ ଠାରୁ ଉପଯୁକ୍ତ ସେବା ତଥା ମୂଲ୍ୟ ବିଷୟରେ ଜାଣିବା ଓ ପ୍ରତିଯୋଗିତାମୂଳକ ମୂଲ୍ୟର ଭିନ୍ନ ଭିନ୍ନ ଜିନିଷ ପାଇବା ପାଇଁ ଆଶ୍ୱାସନା ପାଇବାକୁ ଅସମର୍ଥ। ଅବିଳମ୍ବ ବସ୍ତୁ କିମ୍ବା ସେବା ଜନିତ ଆର୍ଥିକ କ୍ଷତିପୂରଣ ପାଇବା ତଥା ବିଚାରାଳୟରେ ଖାଉଟି ସୁରକ୍ଷା ପାଇବାରେ ଅସମର୍ଥ। ଯେ କୌଣସି ବସ୍ତୁ ବା ସେବା ମାଧ୍ୟମରେ ଖାଉଟିଙ୍କ ଶୋଷଣ ବିରୁଦ୍ଧରେ ପ୍ରତିକାର କରିବାରେ ଅସମର୍ଥ। ଖାଉଟି ନିଜର ଅଧିକାରଗୁଡିକ ବିଷୟରେ ସଚେତନ ରହିବା ଓ ତାହାକୁ ସାବ୍ୟସ୍ତ କରିବା ପାଇଁ ଶିକ୍ଷାଲାଭ କରିବାରେ ଅସମର୍ଥ। ଏଣୁ ଏସବୁ ଦିଗରେ ସରକାର ତୁରନ୍ତ ଦୃଷ୍ଟି ଦେଇ ତ୍ୱରିତ ନ୍ୟାୟ ପ୍ରଦାନ କରି ଖାଉଟିମାନଙ୍କୁ ଆଇନ ଅନୁଯାୟୀ ତିନି ମାସ ମଧ୍ୟରେ ଅଭିଯୋଗଗୁଡିକର ଫଇସଲା କରିବାର ନିର୍ଭର ପ୍ରତିଶ୍ରୁତି ଦେଲେ ଆଇନ ପ୍ରତି ଯଥାର୍ଥରେ ସମ୍ମାନ ରହିଛି ବୋଲି ପ୍ରତିପାଦନ କରନ୍ତୁ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ୭ଜଣ ଦଲାଲଙ୍କୁ ଗିରଫ କଲା ପୋଲିସ



ଭୁବନେଶ୍ୱର (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ୭ଜଣ ଦଲାଲଙ୍କୁ ଟାଉନ ଥାନା ପୋଲିସ ଗୁରୁବାର ପୂର୍ବାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି। ସଦର ମହକୁମା ଡାକ୍ତରଖାନାକୁ ଗ୍ରାମାଞ୍ଚଳରୁ ଆସୁଥିବା ଗରୀବ ତଥା ଅସହାୟ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ଏହି ଦଲାଲମାନେ ପ୍ରଲୋଭିତ କରିବା ସହ ଭୁଲାଇ ବେସରକାରୀ ନର୍ସିଂହୋମକୁ ନେଇଯିବା ପରେ ସେଠାରେ ସେମାନଙ୍କୁ ଶୋଷଣ କରାଯାଉଥିବା ବାରମ୍ବର ଅଭିଯୋଗ ହୋଇଆସୁଥିଲା। ଏସମ୍ପର୍କରେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଆଜି ଏକ ବିଶେଷ ସୁତ୍ରରୁ ଖବର ପାଇବା ପରେ ଟାଉନ ଥାନାର ଭାରପ୍ରାପ୍ତ ଅଧିକାରୀ ତପନ କୁମାର ନାୟକ ଡାକ୍ତରଖାନା ପରିସରକୁ ଏକ ସାଦା ପୋଷାକଧାରୀ ପୋଲିସ ଟିମ ପଠାଇଥିଲେ। ସବଇନିସପେକ୍ଟର ରତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ସଦର ମହକୁମା ଡାକ୍ତରଖାନାକୁ ଯାଇ ଚଢାଉ କରିଥିଲା। ଡାକ୍ତରଖାନା ପରିସରରେ ଥିବା ଟିକଟ କାଉଁଟର ଓ ଡାକ୍ତର ରୋଗୀ ଦେଖୁଥିବା ସ୍ଥାନରୁ ୭ଜଣ ଦଲାଲଙ୍କୁ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ଠାରୁ ଅର୍ଥ ଉକ୍ଚ ନେଉଥିବା ବେଳେ ପୋଲିସ କାବୁ କରିନେଇଥିଲେ। ଡାକ୍ତର ବିରଞ୍ଜନ ସ୍ୱାଇଁଙ୍କ ପାଖରେ ଥିବା ଦଲାଲମାନଙ୍କୁ ପୋଲିସ ଗିରଫ କରୁଥିବା ବେଳେ ଡା. ସ୍ୱାଇଁ ପୋଲିସକୁ ବାଧା ଦେଇଥିବା ନେଇ ଟାଉନ ଥାନା ଅଧିକାରୀ ଶ୍ରୀ ନାୟକଙ୍କ ଠାରୁ ସୂଚନା ମିଳିଛି। ଏହି ଦଲାଲମାନେ ସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା କରାଇଦେବା ଏବଂ ରୋଗୀଙ୍କୁ ଭୁଲାଇ ତଥା ପ୍ରଲୋଭିତ କରି ବେସରକାରୀ ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ନେଉଥିବା ପୋଲିସ କହିଛି। ସବଇନିସପେକ୍ଟର ଶ୍ରୀ ନାୟକଙ୍କ ଏତଲା ଆଧାରରେ ଥାନା କେଶ ନମ୍ବର ୧୮୦/୨୦୨୨ରେ ଆଇ.ପି.ସି.ର ୪୨୦ ଓ ୩୪ଦଫାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିବା ଟାଉନଥାନା ପରିସରରେ ଅନୁଷ୍ଠିତ ଏକ ପତ୍ରକାର ସମ୍ମିଳନୀରେ କେନ୍ଦ୍ରାପଡା ଏସଡିପିଓ ଜୟନ୍ତ ମହାପାତ୍ର କହିଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୩ହଜାର୧୩୦ ଟଙ୍କା ପୋଲିସ ଜବତ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଂସାର ଗ୍ରାମର ନଟବର ସେଠୀଙ୍କ ଝିଅ ସ୍ୱର୍ଣ୍ଣମୟୀ ସେଠୀ(୩୪), ମାର୍ଶାଘାଇ ଥାନା ଅନ୍ତର୍ଗତ ମାର୍ଶାଘାଇ ଗ୍ରାମର ବିଜୟ କୁମାର ଦାସଙ୍କ ପତ୍ନୀ ଶସ୍ମିତା ବେହେରା(୩୫), କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଖଡିଅଙ୍ଗ ଗ୍ରାମର ସୁଶାନ୍ତ ନାୟକଙ୍କ ପତ୍ନୀ ସୁପ୍ରିୟା ନାୟକ(୪୫), ଟାଉନ ଥାନା ଅନ୍ତର୍ଗତ ଚାଟରାପାଟଣା ଗ୍ରାମର ଜୟନ୍ତ କୁମାର ଓଝାଙ୍କ ପତ୍ନୀ ଜୟନ୍ତୀ ସାହୁ(୬୨), ଯାଜପୁର ଜିଲ୍ଲାର ବରି ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନିଳପଡା ଗ୍ରାମର କାଙ୍ଗାଳି ଚରଣ ରାଉତଙ୍କ ପୁଅ ଅବଧୁତ ରାଉତ(୩୯) ଏବଂ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଦଳିବାଡି ଗ୍ରାମର କାଙ୍ଗାଳି ଚରଣ ମଲିକଙ୍କ ପୁଅ ଶୁକଦେବ ମଲିକ(୩୯)।

## କଂଗ୍ରେସ ନେତୃବୃନ୍ଦଙ୍କୁ ଦିଲ୍ଲୀକୁ ନିମନ୍ତ୍ରଣ

ଭୁବନେଶ୍ୱର(ପିଏନ୍)- ଭାରତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟଠାରେ ନବନିର୍ବାଚିତ ଅଖିଳ ଭାରତ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଦଳୀୟ ନିର୍ବାଚନରେ ଜିତିଥିବାର ପ୍ରମାଣପତ୍ର ମୁଖ୍ୟ ନିର୍ବାଚନ କର୍ତୃପକ୍ଷ ଶ୍ରୀଯୁକ୍ତ ମଧୁସୂଦନ ମିସ୍ତ୍ରୀ ପ୍ରଦାନ କରିବେ। ଏହି ଉପଲକ୍ଷେ ନୂଆଦିଲ୍ଲୀ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସଭାର ଆୟୋଜନ କରାଯାଇଅଛି। ଏହି ସଭାକୁ ସିଡବ୍ଲୁସି ମେମ୍ବର, ପ୍ରଦେଶ କଂଗ୍ରେସ ସଭାପତି, ସିଏଲପି ନେତା, ବିଧାନ ପରିଷଦର କଂଗ୍ରେସ ନେତା, ଏଆଇସିସି କର୍ମକର୍ତା, ଅଖିଳ ଭାରତ ଜାତୀୟ କଂଗ୍ରେସର ସମସ୍ତ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ସାଂସଦ, ପୂର୍ବତନ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କଂଗ୍ରେସ ଶାସିତ ରାଜ୍ୟର ମନ୍ତ୍ରୀବୃନ୍ଦ, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଓ ପୂର୍ବତନ କଂଗ୍ରେସ ବିରୋଧିଦଳ ନେତା, ପ୍ରଦେଶ କଂଗ୍ରେସର କାର୍ଯ୍ୟକାରୀ ସଭାପତିବୃନ୍ଦଙ୍କୁ ଏହି ସଭାକୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇଅଛି ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ପ୍ରକାଶ କରିଛନ୍ତି।

## ୬୩ତମ ପୁଲିସ୍ ସହୀଦ୍ ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ପୁଲିସ୍ ପ୍ରଶାସକ ପକ୍ଷରୁ ୬୩ତମ ପୁଲିସ୍ ସହୀଦ୍ ଦିବସ ବାଲେଶ୍ୱର ରିଜର୍ଭ ପୁଲିସ୍ ପଡ଼ିଆ ଠାରେ ପାଳିତ ହୋଇଯାଇଛି। ଆଇ.ଜି. ଶ୍ରୀ ହିମାଂଶୁ କୁମାର ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ତଥା ସମାଜ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ପୁଲିସ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଏସପି ସୁଧାଂଶୁଶେଖର ମିଶ୍ର ମଧ୍ୟ ଏଥିରେ ଉପସ୍ଥିତ ଥିଲେ।

ଖେଳ

୨୬ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

Bhubaneswar Sunday February 04, 2024 ଭୁବନେଶ୍ୱର ରବିବାର, ଫେବୃଆରୀ ୦୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସେମିଲିଗୁଡ଼ା ସଭାଗୃହ ଠାରେ ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର



ସେମିଲିଗୁଡ଼ା:(ପି ଏ ନ) କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ସଭା ଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି.ଏସ.ଏନ.ଆର ଇଣ୍ଡିଆ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସେମିଲିଗୁଡା ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ସମାଜସେବୀ, ବୁଦ୍ଧିଜୀବୀ, ଜିଲ୍ଲା ପରିଷଦ ସଭ୍ୟ ଏବଂ ସଭ୍ୟା ତଥା, ପାରା ଲିଗାଲ ଭୋଲ୍ୟୁଣ୍ଟର ଯୋଗ ଦେଇଥିଲେ ।କୋରାପୁଟରେ ମୁଖ୍ୟତଃ ମହିଳା ମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା, ଶିଶୁ ମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ, ଅନୁସୂଚିତ ଜାତି ଓ ଜନଜାତି ଙ୍କ ପ୍ରତି ହେଉଥିବା ଅତ୍ୟାଚାର ଇତ୍ୟାଦି ର କିପରି ଆଇନଗତ ସହାୟତା ମିଳିପାରିବ, ଏହାକୁ ଆଧାରକରି ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସି.ଏସ.ଏନ.ଆର. ସଂଯୋଜକ ତଥା ଓକିଲ ଶ୍ରୀ ଅଜୟ କୁମାର ଖୋସ୍ଲା ପରିଚାଳନା କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଲିଲି ଆଣ୍ଟବିରିଆ ସଭାପତିତ୍ୱ କରିବା ସହ ସେମିଲିଗୁଡ଼ା ବ୍ଲକ ଜୁନ୍ ୨ ଜିଲ୍ଲା ପରିଷଦ ଶ୍ରୀ ମୋହନ ଜାନି, ସରପଞ୍ଚ ସଂଘ ସଭାପତି ଶ୍ରୀ ମାଧବ ନନ୍ଦିବାଲି, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶ୍ରୀମତୀ ବୀନନ୍ଦିନୀ ବେହେରା ସାଦେବ ବାଘ ତଥା ସେମିଲିଗୁଡା ଅଞ୍ଚଳରୁ ସାମ୍ବାଦିକ ମାନେ ଯୋଗ ଦେଇଥିଲେ ।

# ଗଜପତି ଜିଲ୍ଲା ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର



ପାରଳାଖେମୁଣ୍ଡି, (ତାରିଣୀ ପ୍ରସାଦ ପଣ୍ଡା)(ପି.ଏନ): ଗଜପତି ଜିଲ୍ଲା କାଶୀନଗର ଠାରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ ଠାରେ ଅନୁଷ୍ଠିତ ହୋଇଛି. ଏହି ବୈଠକ ରେ ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ବି ପି ଏମ ଜଗନ କୁମାର ବାରିକ, ବି ଏଲ ସି ଖଗେଶ୍ୱର ମେହେର ଉପସ୍ଥିତ ହୋଇ ନିଯୁକ୍ତ ଆଶାୟୀ ଯୁବକ ଯୁବତୀ ମାନଂକୁ କିପରି ଚୟନ କରାଯାଇ ସେମାନଙ୍କ ତାଲିମ ବ୍ୟବସ୍ଥା, ତାଲିମ ପରେ ବେସରକାରୀ ସ୍ତରରେ ନିଯୁକ୍ତି ବ୍ୟବସ୍ଥା, ଆତ୍ମ ନିଯୁକ୍ତି, ଉଦ୍‌ଯୋଗ ବିକାଶ ନିମନ୍ତେ ସହଯୋଗ କରାଯିବ ନେଇ ବକ୍ତବ୍ୟ ରଖିଥିଲେ. ଏଠାକୁ ଏମ ବି କେ ଓ ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ ମାନେ ପ୍ରାୟ ୬୪ ଜଣ ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ଙ୍କୁ ଆଣିଥିଲେ. ସେହିପରି ଏନ ଏ ସି ର ବିଜୁ କଲ୍ୟାଣ ମଣ୍ଡପ ଠାରେ ହାଇସ୍କୁଲ ରେ ପଢୁଥିବା ଛାତ୍ର ଛାତ୍ରୀ ଙ୍କୁ ସ୍ୱାବଲମ୍ବୀ କରି ସେମନେ ଆତ୍ମନିର୍ଭର ଶିଳ ହେବା ପାଇଁ ବୈଷୟିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ପଢିବା ପାଇଁ ବୈଷୟିକ ତାଲିମ କେନ୍ଦ୍ର ରୁ ଆସିଥିବା ଅଧିକାରୀ ମାନେ ବୁଝାଇଥିଲେ। ଏହି ଠାରେ ପ୍ରାୟ ୧୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ସିମିଲିଗୁଡା ମିନି ଷ୍ଟାଡିୟମରେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ



ସେମିଲିଗୁଡ଼ା,(ପି ଏ ନ): କୋରାପୁଟ ଜିଲ୍ଲା ସେମିଲିଗୁଡା ମିନି ଷ୍ଟାଡିୟମରେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜନଜାତି ମହୋତ୍ସବ ଉଦଯାପିତ ହୋଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ କୋରାପୁଟ ଓ ସେମିଲିଗୁଡ଼ା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଚନ୍ଦ୍ର ଶେଖର ମାଝୀ, ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ,ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି,ଲାକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ,ସେମିଲିଗୁଡ଼ା ବ୍ଲକ ଅଧକ୍ଷ। ଲିଲି ଅଣ୍ଟବିରିଆ, ଉପାଧକ୍ଷ ଶିବା ବଙ୍ଗାରି, ସେମିଲିଗୁଡ଼ା ତହସିଲଦାର ଦେବବ୍ରତ କିରାଟେ,ବିଜେଡି ବ୍ଲକ ସଭାପତି ରାମ ଅଣ୍ଟାବିରିଆ, ମହିଳା ସଭାନେତ୍ରୀ ଲତା ରାୟ,ସେମିଲିଗୁଡା ବ୍ଲକ ସତନ୍ତ୍ର ବିକାଶ ପରିଷଦ, ସଭ୍ୟ ମହେଶ୍ୱର ଛେଦ ନାୟକ,ସମାଜସେବୀ ସୁନାମ ହନ୍ତାଳଙ୍କ ସହ ଅଞ୍ଚଳର ବହୁଗଣ୍ୟ ମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମକୁ ସେମିଲିଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଆଦିବାସୀ ସଂସ୍କୃତି,ପରମ୍ପରାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ କଳାକାର ମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।ଶେଷ ସନ୍ଧ୍ୟାରେ କଳାକାର ମାନଙ୍କ ସହ ବିଧାୟକ ନିଜେ ସାମିଲ ହୋଇ ବାଜାର ତାଳେ ତାଳେ ନୃତ୍ୟ କରୁଥିବା ଦୃଶ୍ୟ ବେଶ ଆକର୍ଷଣ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏଥିତୀ ମାନଙ୍କ ତରଫରୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସାଂସ୍କୃତିକ ଦଳ ମାନଙ୍କୁ ପୁରସ୍କୃତ କରାଯାଇଥିଲା ମଞ୍ଚରେ ଆଦିବାସୀ ସମାଜର ମୁଖ୍ୟ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେମିଲିଗୁଡା ବ୍ଲକର ଜନଜାତି ବିଜେଡି କର୍ମୀ, ସରକାର କର୍ମଚାରୀ ମିଶନ ଶକ୍ତି, ମହିଳା, ପ୍ରମୁଖ ଯୋଗଦେଇ ଥିଲେ,

# କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ବନ୍ଧୁ ତଥା (ଏପେକ୍ସ ବଡି ଅଫ୍ ୱର୍କିଙ୍ଗ୍ ଜର୍ଣ୍ଣାଲିଷ୍ଟ ଏସୋସୋଏସନ୍ ଅଫ୍ ଇଣ୍ଡିଆ)/ ଆବାଜ୍ ଅଫ୍ ଇଣ୍ଡିଆ ମିଳିତ ଉଦ୍ୟମରେ ବନ୍ଧୁ ମିଳନ ଆୟୋଜନ






କଳାହାଣ୍ଡି/ ଭବାନୀପାଟଣା/ଭୁବନେଶ୍ୱର/ ଦିଲ୍ଲୀ(ପି.ଏନ) : ଇତି ମଧ୍ୟରେ ତା. ୦୭.୦୧.୨୦୨୪ ରବିବାର ଦିନ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସ୍ଥିତ ସଗଡ଼ା ପୂର୍ତ୍ତ ବିଭାଗର ଡାକବଙ୍ଗଳା ପରିସରରେ କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ବନ୍ଧୁ ଓ ଆବାଜ୍ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏକ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା । ଏଥି ସହିତ ପ୍ରତ୍ୟେକ ନାଗରିକ ତଥା ସାମ୍ବାଦିକ ବୃନ୍ଦଙ୍କର ଏକ ସୁସ୍ଥ ଓ ସବଳ ଦେଶ ଗଠନ କରିବାରେ ନିର୍ଦ୍ଦିଷ୍ଟ ଭୂମିକା ରହିଛି ଓ କାହିଁକି ଓ କେଉଁଥର ପାଇଁ ଯୁବପିଢ଼ି ସାମ୍ବାଦିକତା ପରି ନୋବେଲ୍ ପନ୍ଥାକୁ ଅବଲମ୍ବନ କରୁନାହାନ୍ତି । ବିଷୟବସ୍ତୁକୁ ନେଇ ଏକ ଆଲୋଚନା ଚକ୍ର ଆୟୋଜନ ମଧ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ସୟ ଶତପଥି ତଥା କୁଳପତି ବା ଭାଇସ୍ ଚାନ୍‌ସେଲର୍ ଅଫ୍ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଯୋଗ ଦେଇଥିଲେ । ସେହିପରି ଭବାନୀପାଟଣାର ବରିଷ୍ଠ ସାମ୍ବାଦିକ, ଲେଖକ ଓ ସମାଜସେବୀ ଉମାଶଙ୍କର କର, ଆଇ.ଏଚ୍.ଆର୍.ଏଫ୍ (ଓଐଜର) ର ମଧକ୍ଷ ଇଂ. ବିଶ୍ୱଜିତ ମଲ୍ଲିକ ଓ କବିରାଜ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଆବାଜ୍ ଅଫ୍ ଇଣ୍ଡିଆର ଅଧକ୍ଷ ବରିଷ୍ଠ ସାମ୍ବାଦିକ ସୁନୀଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁ ମିଳନ ଓ ସେମିନାରରେ ପ୍ରାୟତଃ ଭାରତବର୍ଷରେ ବିଭିନ୍ନ ସ୍ଥାନରୁ ପାଞ୍ଚଶହରୁ ଅଧିକ ସାମ୍ବାଦିକ, ବୁଦ୍ଧିଜୀବି, ସମାଜସେବୀ ଓ ସାଧାରଣ ବ୍ୟକ୍ତି ବିଶେଷବୃନ୍ଦ ଯୋଗଦାନ କରିଥିଲେ । ବିଭିନ୍ନ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ସ, ୟୁଟୁବ୍, ଫେସବୁକ୍ ବା ସୋସିଏଲ୍ ମିଡିଆର ସାମ୍ବାଦିକମାନେ କହିଥିଲେ ଯେ, ସରକାର ସାମ୍ବାଦିକମାନଙ୍କ ସୁରକ୍ଷା, ସାମ୍ବାଦିକମାନଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ସରକାର ବିଶେଷ ଭାବରେ ଧ୍ୟାନ ଦେଇ ଉପଯୁକ୍ତ ପଦକ୍ଷେପ ନେବା କଥା । ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର ତାଙ୍କର ଦୀର୍ଘବର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ ଓ ସେମାନେ କିପରି ଅନେକ ବାଧାବିଘ୍ନ ଘାତ ପ୍ରତିଘାତ ଅତିକ୍ରମ କରି ସମ୍ବାଦ ସଂଗ୍ରହ କରୁଥିଲେ ଓ ତାକୁ ନିଉଜ୍ ପେପରରେ ପ୍ରକାଶିତ କରିବା ପାଇଁ ନିଉଜ୍ ପେପରରେ ତଳ କର୍ମଚାରୀଙ୍କ ସାହାଯ୍ୟରେ ସମ୍ବାଦଟି ପ୍ରକାଶିତ କରିପାରୁଥିଲେ, କିନ୍ତୁ ଆଜି ଆନନ୍ଦର ବିଷୟ ଯେ ଏସବୁ ଆଉ କଷ୍ଟ ନାହିଁ, ଏବେ ଅନେକ ସୁବିଧା ହୋଇଗଲାଣି ଓ ନିଉଜଟି ଠିକ୍ ସମୟରେ ବାହାରିପାରୁଛି । ମୁଖ୍ୟ ଅତିଥି କୁଳପତି ପ୍ରଫେସର ସୟ ଶତପଥି ତାଙ୍କର ସାମ୍ବାଦିକ ଛାତ୍ରମାନଙ୍କୁ ଶିକ୍ଷା ଦେଇଥିବା ଓ ତାଙ୍କର ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଇଂ. ବିଶ୍ୱଜିତ ମଲ୍ଲିକ ଓ କବିରାଜ ମହାଶୟ କହିଥିଲେ ଯେ, ଏକ ସୁସ୍ଥ ସବଳ ସମାଜ ଗଢିବାରେ ସାମ୍ବାଦିକ ମାନଙ୍କର ପ୍ରମୁଖ ଭୂମିକା ରହିଛି ଓ ସାମ୍ବାଦିକମାନେ ଏକଜୁଟ୍ ହୋଇ ନିର୍ଭୀକ ଭାବରେ ଆଗକୁ ମାଡ଼ିଯାଇ ସତ୍ୟ ଖବରଗୁଡ଼ିକ ପ୍ରକାଶିତ କରିବା କଥା । ସଭାପତିତ୍ୱ ଭାଷଣରେ ବରିଷ୍ଠ ସାମ୍ବାଦିକ, ଆବାଜ୍ ଅଫ୍ ଇଣ୍ଡିଆର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କାର୍ଯ୍ୟକଳାପ ବାବଦରେ ବର୍ଣ୍ଣନା କରିବା ସହ ସମସ୍ତ ସାମ୍ବାଦିକ ସଂଗ୍ରାମୀ ବନ୍ଧୁ ଏକ ପ୍ଲାଟଫର୍ମରେ ଏକତ୍ରିତ ହୋଇ ସାମ୍ବାଦିକ ମାନଙ୍କର ନ୍ୟାୟଯୁକ୍ତ ହକ୍ ହାସଲ୍ କରିବା ପାଇଁ ସଂଗ୍ରାମ କରିବା କଥା କହିଥିଲେ । ଯେପରିକି କେବଳ ଯେ ସାମ୍ବାଦିକଙ୍କ ସୁରକ୍ଷା, ଉନ୍ନତି ଇତ୍ୟାଦି ବିଷୟରେ ସରକାରଙ୍କ ଠାରେ ଦାବି କରିବା ସଙ୍ଗେ ସଙ୍ଗେ କିପରି ସରକାର ଯଥାଶିଘ୍ର ସମ୍ବିଧାନର ଚତୁର୍ଥ ସ୍ତମ୍ଭର ମାନ୍ୟତା ଆଉ କାଳ ବିଳମ୍ବ ନକରି ଯଥା ଶିଘ୍ର ସରକାରୀ ଭାବରେ ଘୋଷଣା କରିବା ପାଇଁ ଆମେ ସମସ୍ତେ ଏକଜୁଟ୍ ହୋଇ ଲାଗି ପଡିବାର ସମୟ ଆସିଯାଇଛି ଓ ସରକାରୀ ମାନ୍ୟତା ମିଳିଲେ ଯେପରି ସମ୍ବିଧାନର ତୃତୀୟ ସ୍ତମ୍ଭ ଯଥା Legislativର Executive & Judiciary ଙ୍କୁ ସରକାରଙ୍କ ତରଫର ମାସିକ ଦରମା, ପେନସନ୍ ସୁରକ୍ଷା ସୁବିଧା ଏପରି ଅନେକ ସୁବିଧା ମିଳିପାରୁ'। । ତେଣୁ ଆମ୍ଭମାନଙ୍କୁ ନିହାତି ଭାବରେ ଏକଜୁଟ୍ ହେବାକୁ ପଡିବ ଯେତେ ଦିନ ପର୍ଯ୍ୟନ୍ତ ସରକାର ସାମ୍ବାଦିକ ମାନଙ୍କୁ ସମ୍ବିଧାନର ଚତୁର୍ଥ ସ୍ତମ୍ଭର ମାନ୍ୟତା ଦେଇନାହାନ୍ତି। ଅନ୍ୟପକ୍ଷରେ, ଯେହେତୁ ଜନତା ଜନାର୍ଦ୍ଦନ ସାମ୍ବାଦିକମାନଙ୍କୁ ତାଙ୍କର ହୃଦୟ ଭିତରୁ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ବୋଲି ମାନ୍ୟତା ଦିଅଁ ଓ ସମ୍ମାନ ଦିଅନ୍ତି, ତେଣୁ ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ବର୍ଜନ କରିବା ପାଇଁ ଲୋକଙ୍କ ଦ୍ୱାରକୁ ଦ୍ୱାର ଯାଇ ଅନୁରୋଧ କରିବାକୁ ପଡିବ, ଫଳରେ ସରକାର ଭୟଭିତ ଓ ବାଧ୍ୟ ହୋଇ ସାମ୍ବାଦିକମାନଙ୍କୁ ସମ୍ବିଧାନ ଚତୁର୍ଥ ସ୍ତମ୍ଭର ଘୋଷଣା କରିବ ଓ ମାନ୍ୟତା ଦେବ । ଏଥିପାଇଁ ତ ଆବାଜ୍ ଅଫ୍ ଇଣ୍ଡିଆ ସମଗ୍ର ଭାରତର ବିଭିନ୍ନ ରାଜ୍ୟକୁ ଯାଇ ସାମ୍ବାଦିକବୃନ୍ଦ ଓ ଜନତା ଜନାର୍ଦ୍ଦନଙ୍କୁ ସଚେତନ ଓ ଅନୁରୋଧ କରୁଛି । ସେହିପରି ଶ୍ରୀ ମିଶ୍ର କହିଥିଲେ ଯେ, ସାମ୍ବାଦିକମାନେ ନିରପେକ୍ଷ ରହି ନ୍ୟାୟ ଓ ଧର୍ମର ସହିତ ରହି ସମାଜର ଗରୀବ, ଦୁଃଖୀ, ପଛୁଆ ଲୋକଙ୍କର ଉନ୍ନତି ପାଇଁ ସମାଜର mainstream କୁ ଆଣିବା ସହିତ ସ୍ୱାବଲମ୍ବି କରିବା ପାଇଁ ତାଙ୍କର କଲମ୍ ଚାଳନା କରିବାକୁ ପଡିବ ଏକ ସୁସ୍ଥ, ସବଳ, ଗଠନମୂଳକ ଓ ଉନ୍ନତ ଦେଶ ଗଠନ କରିବା ପାଇଁ ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray